ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

पर्यवेक्षक

Vol.26 . No.46 Bhubaneswar Thursday March 23 2023 | ୨୬ତମ ବର୍ଷ | ସଂଖ୍ୟା-୪୬ | ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୩, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹ 1.50 | (Air Surcharge - 0.50P) | Member-INS


## ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ସ୍ୱାଧିକାର ଭଙ୍ଗ ନୋଟିସକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ

ଭୁବନେଶ୍ୱର,୨୨।୩(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୁଦ୍ଧରେ ସ୍ୱାଧିକାର ଭଙ୍ଗ ନୋଟିସକୁ ବାଚସ୍ପତି ଗ୍ରହଣ ନକରିବାକୁ ନେଇ ଆଜି ବିଧାନସଭାରେ ଶାସକ-ବିରୋଧୀ ସଦସ୍ୟମାନେ ମୁହାଁମୁହିଁ ହୋଇଛନ୍ତି । ଗୃହ ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବିର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ଏକ ଲିଖିତ ବିବୃତ୍ତି ପଢ଼ିବାକୁ ନେଇ ତାଙ୍କ ବିରୁଦ୍ଧରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଆଜି ନୋଟିସ ଆଗତ କରିଥିଲେ । ମାତ୍ର ବାଚସ୍ପତି ବିକ୍ରମ କେଶରୀ ଆରୁଖ ତାଙ୍କର ନୋଟିସକୁ ଗ୍ରହଣ କରିନଥିଲେ । ଯାହାକୁ ଉଭୟ ବିରୋଧୀ ଓ ଶାସକ ଦଳ ସଭ୍ୟମାନେ ମୁହାଁମୁହିଁ ହେବା ସହ ଆଜି ଶୂନ୍ୟକାଳରେ ଗୃହ ସରଗରମ ହୋଇଥିଲା ।କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ମିଶ୍ର କହିଥିଲେ ଯେ, ସେ ସ୍ୱାଧିକାର ଭଙ୍ଗ ନୋଟିସ୍ ଦେଇଥିଲେ । କିନ୍ତୁ ତାହା ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ଥିଲା ବୋଲି ଗ୍ରହଣ ହେଲାନି କି ବୋଲି ପ୍ରଶ୍ନ କରିବା ସହ ତାଙ୍କୁ ଏ ପ୍ରସଙ୍ଗରେ କହିବାକୁ ବି ସୁଯୋଗ ଦିଆଯାଉନି । ପୂର୍ବରୁ ଯେବେ ସେ ସ୍ୱାଧିକାର ଭଙ୍ଗ ନୋଟିସ୍ ଦେଇଛନ୍ତି, ତାହା ସେହିଦିନ ଗ୍ରହଣ ହୋଇଛି । କିନ୍ତୁ ଆଜି ବାଚସ୍ପତି କହୁଛନ୍ତି ଯେ, ସ୍ୱାଧିକାର ଭଙ୍ଗ ନୋଟିସ୍ ପୂର୍ବଦିନ ଦିଆଯିବାର ନିୟମ ରହିଛି । ତା'ପରେ ତାକୁ ଅନୁଧ୍ୟାନ କରି ଉପସ୍ଥାପନ କରିବା ପାଇଁ କୁହାଯିବ । ତେବେ ଆଜି ସ୍ୱାଧିକାର ଭଙ୍ଗ ନୋଟିସ୍ ଆଗତ ହେବାକୁ ଦିଆନଯିବା ତାଙ୍କ ପ୍ରତି ଅନ୍ୟାୟ ବୋଲି ଶ୍ରୀ ମିଶ୍ର କହିଥିଲେ ।



## ପୁରୀରେ ପଶ୍ଚିମବଙ୍ଗ ଭବନ ପାଇଁ ଜମି ଦେଖିଲେ ମମତା

ପୁରୀ/ଭୁବନେଶ୍ୱର ,୨୨।୩ (ପି.ଏନ): ପୁରୀରେ ପଶ୍ଚିମବଙ୍ଗ ଭବନ ନିର୍ମାଣ ପାଇଁ ଜମି ଦେଖିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ପୁରୀର ବଳିଆପଣ୍ଡା ଅଂଚଳରେ ମୁଖ୍ୟ ସଚିବ ପ୍ରଦୀପ ଜେନା ମମତାଙ୍କୁ ଜମି ଦେଖାଇଛନ୍ତି। ଜମି ଦେଖିବା ପରେ ଏହାକୁ ପସନ୍ଦ କରିଥିବା ମମତା ପ୍ରତିକ୍ରିୟାରେ କହିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ମମତା ବାନାର୍ଜୀ ପୁରୀ ଗସ୍ତରେ ଥିବା ବେଳେ ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି। ଆସନ୍ତାକାଲି ମମତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୁବନେଶ୍ୱରରେ ଭେଟିବେ। ତେବେ ଏସମ୍ପର୍କରେ କୌଣସି ସୂଚନା ଦେବାକୁ ମମତା ମନା କରିଛନ୍ତି। ସେହିପରି ତୃତୀୟ ସାମୁଖ୍ୟ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହେବ କି ପ୍ରଶ୍ନର ମଧ୍ୟ ଉତର ଦେଇ ନାହାନ୍ତି ମମତା। ସେ କହିଛନ୍ତି ଯେ ନବୀନଙ୍କୁ ପୂର୍ବରୁ ମଧ୍ୟ ଭେଟିଥିଲି। ଏଥିରେ କିଛି ନୂଆ ନାହିଁ। କିଛି ଦିନ ତଳେ ଓଡିଶାରେ ହକି ବିଶ୍ୱକପ୍ ଆୟୋଜିତ ହୋଇଥିଲା। ଏଠାକୁ ଆସିବାକୁ ନବୀନ ବାବୁ ଜଣେ ମନ୍ତ୍ରୀ ମନ୍ତ୍ରୀଙ୍କୁ ପଠାଇ ନିମନ୍ତ୍ରଣ କରିଥିଲେ। ଓଡିଶା ଗଲେ ସାକ୍ଷାତ କରିବି ବୋଲି ସେତେବେଳେ କହିଥିଲି। ତେଣୁ ଏହା ସମ୍ପୂର୍ଣ୍ଣ ଭାବେ ସୌଜନ୍ୟମୂଳକ ସାକ୍ଷାତ । ଏଥିରେ ଉନ୍ନୟନ ମୂଳକ କାର୍ଯ୍ୟ ଏବଂ ବଙ୍ଗଳା ଭବନ ନିର୍ମାଣ ସମ୍ପର୍କରେ ଆଲୋଚନା ହେବ ବୋଲି କହିଛନ୍ତି ମମତା।

## କେନ୍ଦୁଝରର ମାଗୁଣି ଚରଣ କୁଅଁରଙ୍କୁ ପଦ୍ମଶ୍ରୀ ପୁରସ୍କାର ଦେଲେ ରାଷ୍ଟ୍ରପତି



କେନ୍ଦୁଝର,୨୨।(ପି.ଏନ) : ବୈଠକ ପରେ ସରକାର ଜାରି କରିଥିବା ବିବୃତିରେ କହିଛନ୍ତି ଯେ "ପ୍ରଧାନମନ୍ତ୍ରୀ ସବୁ ଅଧିକାରୀମାନଙ୍କୁ ପଜିଟିଭ ଚିହ୍ନଟ ହେଉଥିବା ଲୋକଙ୍କ ନମୁନାର ଜେନୋମ ସିକ୍ୱେନ୍ସିଂ କରିବାକୁ କହିଛନ୍ତି। ଏହାଦ୍ୱାରା ନୂଆ ଭାରିଏଣ୍ଟ ସମ୍ପର୍କରେ ସୂଚନା ମିଳି ପାରିବ। ଯଦି କୌଣସି ନୂଆ ଭାରିଏଣ୍ଟ ଭାରତରେ ପ୍ରବେଶ କରିଥାଏ, ତା'ହେଲେ ସମୟ ଥାଉଥାଉ ଏହାକୁ ମୁକାବିଲା କରାଯାଇ ପାରିବ ।ପ୍ରଧାନମନ୍ତ୍ରୀ ପୂର୍ବଭଳି ୫ ସୂତ୍ରୀ ନିୟମକୁ କାର୍ଯ୍ୟକାରୀ କରିବାକୁ କହିଛନ୍ତି। ଟେଷ୍ଟ, ଟ୍ରାକ, ଟ୍ରିଟ, ଟିକାକରଣ ଓ କରୋନାର ଉଚିତ ବ୍ୟବହାର ଉପରେ ଫୋକସ କରିବାକୁ ପରାମର୍ଶ ଦେଇଛନ୍ତି। ଇନଫ୍ଲୁଏଞ୍ଜା ଓ କୋଭିଡ ୧୯ ରୋଗୀଙ୍କ ପାଇଁ ହସ୍ପିଟାଲରେ ଆବଶ୍ୟକ ଔଷଧ ଓ ବେଡ୍ସର ବ୍ୟବସ୍ଥା ନିଶ୍ଚିତ କରିବାକୁ କହିଛନ୍ତି।"ଗତ ଦୁଇ ସପ୍ତାହ ହେଲାଣି ଦେଶରେ କରୋନା ସଂକ୍ରମଣ ସହ ଏଚ୍୧ଏନ୧ ଓ ଏଚ୍୩ଏନ୨ ଭାଇରସର ଗ୍ରାଫ ଉପର ମୁହାଁ ହୋଇଛି। ବର୍ତ୍ତମାନ ସକ୍ରିୟ କରୋନା ମାମଲା ମୋଟ ସଂକ୍ରମିତର ୦.୦୨% ରହିଛି।

## ପାରାଦୀପରେ ସ୍ଥାପନା ହେବ ୬୧ ହଜାର କୋଟି ଟଙ୍କାର ପେଟ୍ରୋକେମିକାଲ କମ୍ପ୍ଲେକ୍ସ

ଭୁବନେଶ୍ୱର , ୨୨।୩(ପି.ଏନ): ଜଗତସିଂହପୁର ଜିଲ୍ଲାର ପାରାଦୀପରେ ଏକ ପେଟ୍ରୋକେମିକାଲ କମ୍ପ୍ଲେକ୍ସ ସ୍ଥାପନା ପାଇଁ ଭାରତୀୟ ତୈଳ ନିଗମର ଯୋଜନାକୁ ବୋର୍ଡ ତରଫରୁ ଅନୁମୋଦନ ମିଳିଛି। ପ୍ରସ୍ତାବିତ ଏହି କମ୍ପ୍ଲେକ୍ସରେ ବିଶ୍ୱଶ୍ରେଣୀୟ କ୍ରାକର ୟୁନିଟ୍ ସ୍ଥାନ ପାଇବା ସହ ପଲି ପ୍ରୋପିଲିନ୍, ହାଇ-ଡେନ୍ସିଟି ପଲିଏଥିଲିନ୍, ପଲି ଭିନାଇଲ୍ କ୍ଲୋରାଇଡ ଆଦି ଉତ୍ପାଦନ ପାଇଁ ବିଭିନ୍ନ ଶିଳ୍ପ ୟୁନିଟ୍ ସ୍ଥାପନା ହେବ। ଓଡ଼ିଶାରେ ନିଯୁକ୍ତି ଓ ଆତ୍ମନିଯୁକ୍ତି କ୍ଷେତ୍ରରେ ଏହି ୟୁନିଟ୍ ଏକ ମାଇଲଷ୍ଟୋନ ହୋଇ ରହିବ। ଟେକ୍ସଟାଇଲ ଶିଳ୍ପରେ ଗୁଜରାଟର ସୁରାଟ୍ ଯେଉଁଳି ଏକ ହବ୍ ହୋଇପାରିଛି ଆଗାମୀ ଦିନରେ ଓଡିଶା ଏହାର ସ୍ଥାନ ନେବାର ସୁଯୋଗ ଆସିଛି ବୋଲି ବିଜେପି ମୁଖପାତ୍ର ତଥା ଭାରତୀୟ ତୈଳନିଗମ ନିର୍ଦ୍ଦେଶକ ସୁଦୀପ୍ତ ରାୟ କହିଛନ୍ତି ।ଓଡ଼ିଶାବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କୁ ଧନ୍ୟବାଦ ଦେଇ ଶ୍ରୀ ରାୟ କହିଛନ୍ତି ଯେ, ଇଣ୍ଡିଆନ୍ ଅଏଲର ଏହି ପ୍ରକଳ୍ପରେ ୬୧,୦୭୭ କୋଟି ଟଙ୍କା ନିବେଶ ହେବ।

## ରାଜ୍ୟରେ ବିଭିନ୍ନ ସ୍କୁଲରେ ଶିକ୍ଷକ ଅଭାବକୁ ନେଇ ଗୃହରେ ଉଦବେଗ

ଭୁବନେଶ୍ୱର, ୨୨।୩(ପି.ଏନ): ରାଜ୍ୟରେ ବିଭିନ୍ନ ସ୍କୁଲରେ ଶିକ୍ଷକ ମାନଙ୍କର ଘୋର ଅଭାବକୁ ନେଇ ଆଜି ବିଧାନସଭାରେ ଗଭୀର ଉଦବେଗ ପ୍ରକାଶ ପାଇଛି । ସ୍କୁଲ ଗୁଡିକୁ ରଙ୍ଗରେ ରଙ୍ଗ କରି ଦେଲେ କିଛି ହେବ ନାହିଁ ବରଂ ଶିକ୍ଷକ ନିଯୁକ୍ତି କରି ଶିକ୍ଷାଦାନର ମାନକୁ ଭଲ କରିବା ଆବଶ୍ୟକ ବୋଲି ବିଧାୟକ ମାନେ କହିଛନ୍ତି ।ଗୃହରେ ସ୍କୁଲ ରୁପାନ୍ତରିକରଣ କୁ ନେଇ ଗୃହରେ ସରଗରମ ଆଲୋଚନା ହୋଇଛି ରାଜ୍ୟ ରେ ଶିକ୍ଷକ ଅଭାବ ନେଇ ଗୃହରେ ଉଦବେଗ । ବିରୋଧୀ ବିଧାୟକ ଅଭିଯୋଗ ଆଣିଛନ୍ତି ଯେ ସ୍କୁଲ ରୁପାନ୍ତରିତ ହେଉଛି କିନ୍ତୁ ଶିକ୍ଷକ ନାହାନ୍ତି । କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଅଭିଯୋଗ ଆଣିଛନ୍ତି ୫ଟି ସ୍କୁଲ ଗୁଡିକୁ ରଙ୍ଗ ରେ ରଙ୍ଗେଇ ଦେଉଛନ୍ତି । ହେଲେ ସ୍କୁଲରେ ଶିକ୍ଷକ ନାହାନ୍ତି । ଯାହା ଲଜ୍ଜାଜନକ । ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ନିଜ ଅଂଚଳର ଥିବା ପୃଥ୍ୱୀରାଜ ହାଇସ୍କୁଲର ଉଦାହରଣ ଦେଇ କହିଥିଲେ ଗୋଟିଏ ସ୍କୁଲ ରେ ୨୩ଟି ପଦବୀ ଥିବା ବେଳେ ୯ ଜଣ ଶିକ୍ଷକ ନାହାନ୍ତି। କେମିତି ରୁପାନ୍ତରିକରଣ କରୁଛନ୍ତି ସରକାର । ନୀଳଗିରି ବିଧାୟକ ସୁକାନ୍ତ ନାୟକ ମଧ୍ୟ ତାଙ୍କ ବିଧାନସଭା ଅଂଚଳରେ ସ୍କୁଲରେ କିପରି ଶିକ୍ଷକ ନାହାନ୍ତି ତାହାର ଉଲ୍ଲେଖ କରିବା ସହ କେବେ ସୁଦ୍ଧା ଶିକ୍ଷକ ପଦବୀ ପୂରଣ ହେବ ବୋଲି ପ୍ରଶ୍ନ କରିଥିଲେ ।ବିଜେଡି ବିଧାୟକ ସଞ୍ଜୀବ ମଲିକ ଓ ଅମର ପ୍ରସାଦ ଶତପଥୀ ବି ସମାନ ଅଭିଯୋଗ ଆଣିଥିଲେ ଯେ ସ୍କୁଲ ରେ ଶିକ୍ଷକ ଅଭାବ ରହିଛି ।ସେପଟେ ଫାଇବ ସ୍କୁଲ ଗୁଡିକ ପେମେଂଟ ହୋଇ ପାରୁନାହି ବିଜେପି ବିଧାୟକ ସୁବାସ ପାଣିଗ୍ରାହୀ, ବିଜେଡି ବିଧାୟକ ନୃସିଂହ ସାହୁ, ସୁଧାଂଶୁ ପରିଡ଼ା ଏପ୍ରସଙ୍ଗ ଉଠାଇଥିଲେ । ଗଣଶିକ୍ଷା ମନ୍ତ୍ରୀ କହିଥିଲେ ସ୍କୁଲ ରେ ଶିକ୍ଷକ ଅଭାବ ହେବ ନାହିଁ। ୨୦ ହଜାର ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି। ସେହିପରି ପେମେଂଟ ପ୍ରସଙ୍ଗ ରେ ଜିଲ୍ଲାପାଳ ଙ୍କ ସହିତ ଆଲୋଚନା କରିବେ ବୋଲି ସେ କହିଥିଲେ ।

## ପିଏମ ପୋଷଣରେ ଓଡ଼ିଶାକୁ ଦ୍ୱିତୀୟ କିସ୍ତିରେ ୨୮୩.୭୮ କୋଟି ଟଙ୍କା ପ୍ରଦାନ କରାଯାଇଛି

ନୂଆଦିଲ୍ଲୀ/ଭୁବନେଶ୍ୱର ,୨୨।୩(ପି.ଏନ): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପିଏମ ପୋଷଣରେ ଓଡ଼ିଶାକୁ ଦ୍ୱିତୀୟ କିସ୍ତିରେ ୨୮୩.୭୮ କୋଟି ଟଙ୍କା ପ୍ରଦାନ କରାଯାଇଛି । ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ତରଫରୁ ପିଏମ ପୋଷଣର ଦ୍ୱିତୀୟ କିସ୍ତିର ଅର୍ଥ ଜାରି କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ । ଏହି ପତ୍ର ପାଇବା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଧ୍ୟାନ କରିବା ପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ମାଧ୍ୟମରେ ପିଏମ ପୋଷଣର ଦ୍ୱିତୀୟ କିସ୍ତିର ବିଳମ୍ବର କାରଣ ଜଣାଇଥିଲେ । ପରବର୍ତ୍ତୀ ସମୟରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ୨୮୩.୭୮ କୋଟି ଟଙ୍କା ଏହି ଅର୍ଥ ପ୍ରଦାନ କରାଯାଇସାରିଛି । ପିଏମ ପୋଷଣ ଯୋଜନା ଅନ୍ତର୍ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ବାର୍ଷିକ କାର୍ଯ୍ୟକ୍ରମ ଓ ବଜେଟ୍ ନିମନ୍ତେ ଭାରତ ସରକାର କେନ୍ଦ୍ରୀୟ ଅଂଶ ବାବଦରେ ୫୭୫.୯୮ କୋଟି ଟଙ୍କା ଏବଂ ରାଜ୍ୟ ଅଂଶ ବାବଦରେ ୩୩୦.୯୭ କୋଟି ଟଙ୍କା ବ୍ୟବସ୍ଥା କରି ସମୁଦାୟ ୯୦୬.୯୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିଲା । କେନ୍ଦ୍ର ସରକାରଙ୍କ ପ୍ରଥମ କିସ୍ତିରେ ୨୭୯.୯୫ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ବେଳେ ରାଜ୍ୟ ପାଖରେ ଥିବା ୮ କୋଟି ଟଙ୍କା ବଳକା ରହିଥିଲା । ଭାରତ ସରକାର ଅକ୍ଟୋବର ୦୧, ୨୦୨୨ରେ ସାମଗ୍ରିକ ଖର୍ଚ୍ଚକୁ ୯.୬ ପ୍ରତିଶତ ବୃଦ୍ଧି କରିଥିଲେ । ଅନୁରୂପ ଭାବେ କେନ୍ଦ୍ରୀୟ ଅଂଶ ୫୯୬.୭୫ କୋଟି ଟଙ୍କା ହୋଇଥିବା ବେଳେ ରାଜ୍ୟର ଅଂଶ ୩୪୪.୨୪ କୋଟି ଟଙ୍କା ହୋଇଥିଲା । ରାଜ୍ୟ ସରକାରଙ୍କୁ ଏହି ଅନୁପାତରେ ନିଜର ଅତିରିକ୍ତ ବଜେଟରେ ଅର୍ଥ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି । ରାଜ୍ୟ ସରକାରଙ୍କ ଦ୍ୱାରା ବଜେଟରେ ଓ ପରେ ନିଜର ଅତିରିକ୍ତ ବଜେଟରେ ବର୍ଦ୍ଧିତ ଆବଂଟନ ନଥିବା କାରଣରୁ କେନ୍ଦ୍ରୀୟ ଅଂଶ ଭାବରେ ୩୩.୩୧ କୋଟି ଏବଂ ରାଜ୍ୟ ଅଂଶ ଭାବରେ ୧୭.୬୮ କୋଟି ନିଅଂଟ ପଡିଥିଲା । ଏବେ ରାଜ୍ୟ ସରକାରଙ୍କ ସ୍କୁଲ ଗଣଶିକ୍ଷା ବିଭାଗ ଦ୍ୱାରା ମାର୍ଚ୍ଚ ୨୦୨୩ରେ ଏକ ପତ୍ର ମାଧ୍ୟମରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ଏବଂ ରାଜ୍ୟ ଅଂଶ ପାଇଁ ଅତିରିକ୍ତ ଅର୍ଥ ବ୍ୟବସ୍ଥା କରିବା ପାଇଁ ଅସମର୍ଥ ଥିବା ଦର୍ଶାଇଛନ୍ତି। ରାଜ୍ୟ ସରକାରଙ୍କ ପୂର୍ବ ପ୍ରସ୍ତାବକୁ ତର୍ଜମା କରିବା ପରେ ପିଏମ ପୋଷଣ ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇଛି ।ପ୍ରୋଗ୍ରାମ ଆପ୍ରୁଭାଲ ବୋର୍ଡ(ପିଏମବି)ର ଅନୁମୋଦନ ଅନୁସାରେ ଦ୍ୱିତୀୟ କିସ୍ତିରେ ରାଜ୍ୟ ସରକାର ୩୦୮.୭୯ କୋଟି ଟଙ୍କା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ବଜେଟରେ କୌଣସି ପ୍ରାବଧାନ କରାଯାଇ ନଥିବା କାରଣରୁ ଭାରତ ସରକାର ଦ୍ୱିତୀୟ କିସ୍ତିରେ ଓଡ଼ିଶାକୁ ପିଏମ ପୋଷଣ ଯୋଜନା ପାଇଁ ୨୮୩.୭୮ କୋଟି ଅର୍ଥ ଦେଇ ସାରିଥିବା ବେଳେ ରାଜ୍ୟ ସରକାର ପିଏଫଏମଏସ ମାଧ୍ୟମରେ ବିସ୍ତୃତ ପ୍ରସ୍ତାବ ପ୍ରଦାନ କଲେ ଆହୁରି ୨୫ କୋଟି ଟଙ୍କା ପ୍ରଦାନ କରାଯିବ ।

## କୁନ୍ଦୁରା ଲ୍ୟାମ୍ପସରେ କୋଟି କୋଟି ଟଙ୍କାର ମହାଦୁର୍ନିତି

ଜୟପୁର,୨୨।୩(ପି.ଏନ): କୁନ୍ଦୁରା ଲ୍ୟାମ୍ପସର ମହାଦୁର୍ନୀତିର ଭିଜିଲାନ୍ସ ସାଇବର ସେଲ ଦ୍ୱାରା ନିରପେକ୍ଷ ତଦନ୍ତ ପାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି । ଚାଷୀ ନେତା ନରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଚାଷୀମାନେ ଏକ ତ୍ରିତ ହୋଇ ଜୟପୁରସ୍ଥିତ ଡିଆରସିଏସ ଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ୧୧ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି । କୁନ୍ଦୁରା ଲ୍ୟାମ୍ପସରେ ବହୁ ବର୍ଷ ଏମିତି ନଥିବାରୁ ଜଣେ ଭାର ପ୍ରାପ୍ତ ଏମ.ଡି ନିଜ କ୍ଷମତାର ଦୁରୁପ ଯୋଗ କରି କୋଟି କୋଟି ଟଙ୍କା ଆତ୍ମସାତ କରିବା ସହିତ ବହୁ ଦୁର୍ନୀତିରେ ଲିପ୍ତ ଅଛନ୍ତି । ଫଳରେ ହଜାର ହଜାର ଚାଷୀ ସଠିକ ସମୟରେ କୃଷି ଋଣ, ସାର ବିହନ ନ ପାଇ ହଟ ହଟା ହେଉଛନ୍ତି ବୋଲି ଅଭିଯୋଗ କରାଯାଉଛି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି । ବିଗତ ୫ ବର୍ଷରୁ ଉର୍ଦ୍ଧ୍ୱ ହେବ କୁନ୍ଦୁରା ଲ୍ୟାମ୍ପସର ସାଧାରଣ ବୈଠକ ଏ.ଜି.ବି କରାନଯାଇ ଟଙ୍କା ଖର୍ଚ୍ଚ ନକରି ଆତ୍ମସାତ କରାଯାଇଅଛି, ସମବାୟ ବିଭାଗର କର୍ମକର୍ତ୍ତା ଓ ବ୍ୟାଙ୍କର କିଛି ଅପରାଧିଙ୍କୁ ଲାଂଚ ଦେଇ ତାଙ୍କ ଛତ୍ରଛାୟା ତଳେ ରହି ଦୀର୍ଘ ୭ ବର୍ଷରୁ ଉର୍ଦ୍ଧ ହେବ ଅଡିଟ କରାଯାଇ ନାହିଁ । ଲ୍ୟାମ୍ପସରୁ ଋଣ ନେଇଥିବା ଚାଷୀଙ୍କ ପାସବୁକ ଓ ଚେକ ବହି ନିଜ ପାଖରେ ରଖି ଚାଷୀଙ୍କ ଅଜ୍ଞତାର ଫାଇଦା ନେଇ ସେ ମାନଙ୍କ ଦସ୍ତଖତ, ଟିପଚିହ୍ନ କରି ଶହ ଶହ ଚାଷୀଙ୍କ କୋଟି କୋଟି ଟଙ୍କା ଆତ୍ମସାତ କରିଛନ୍ତି । ଗତ ଖରିଫ ୨୦୨୨-୨୩ ବର୍ଷରେ ପୂର୍ବତନ ଏମ.ଡି ଜଣେ ଦଲାଲ ଓ ମିଲରଙ୍କୁ ନିଜର ପାସ ଓାର୍ଡ ଓ ଆଇ.ଡି ଦେଇ ୪ଶହରୁ ଉର୍ଦ୍ଧ ଚାଷୀଙ୍କ ପଞ୍ଜି କରଣ କରିଥିଲେ । ଯାହାକି କିଛି ଡି.ଇ.ଓ ଉକ୍ତ ତଥ୍ୟ ବିଭାଗୀୟ ଅଧିକାରି ଙ୍କୁ ଅବଗତ କରିଥିବାରୁ ସେ ଇର୍ଷାନ୍ୱିତ ହୋଇ ଉଦେଶ୍ୟ ମୁଳକ ଭାବେ ଜଣେ ଡାଇରେକ୍ଟର ଓ ସଭାପତି ସହ ଯୋଗରେ ମିଥ୍ୟ କମିଟି ବୈଠକ କରି ସେ ମାନଙ୍କୁ ଚଳିତ ରବି ପଞ୍ଜି କରଣରେ ଆବ୍ୟାହିତି ଦେଇଛନ୍ତି ତାହାର ତଦନ୍ତ କରାଯାଉ, କୁନ୍ଦୁରା ଲ୍ୟାମ୍ପସ ଧାନ କମିଶନ ବାବଦକୁ ପାଇଥିବା ଫିକ୍ସଡ ଡିପୋଜିଟ ଅର୍ଥକୁ ଏ.ଜି.ବି, କମିଟି ବୈଠକରେ ବିନା ଅନୁମୋଦନରେ ନିଜ ଇଛା ମୁତାବକ ଅର୍ଥ ଉଠାଣ କରି ସମବାୟ ଆଇନର ଉଲଘଂନ କରିଛନ୍ତି । କୁନ୍ଦୁରା ଲ୍ୟାମ୍ପସ ରବି ଓ ଖରିଫ ଋତୁରେ ଧାନ କ୍ରୟ କରୁଥିବା ଯୋଗୁଁ ଲକ୍ଷାଧିକ କୁଇଂଟାଲ ଉଦ୍ଧ ହ୍ୟାଣ୍ଡଲିଂ ଚାର୍ଜ ବାବଦରେ ଆସିଥିବା ଅର୍ଥକୁ ମିଥ୍ୟ ରସିଦ ଦେଇ ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବା ସହିତ ଚାଷୀଙ୍କୁ ଖାଲି ଅଖା ବାବଦକୁ ଅଖା ପ୍ରାପ୍ତ ନଦେଇ କୋଟି କୋଟି ଟଙ୍କା ଆତ୍ମସାତ କରି ଥିବା ଆଦି ଦାବି ରହିଛି ।

## ଆଇନ ଶୃଙ୍ଖଳା ପରିସ୍ଥିତି ଠିକ ଥିବା ଓ ପୁଂଜି ନିବେଶ ସମ୍ପର୍କିତ ବକ୍ତବ୍ୟକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଘେରିଲେ ବିରୋଧୀ ଦଳର ନେତା

ଭୁବନେଶ୍ୱର, ୨୨।୩(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗତ କାଲି ଗୃହ ବାହାରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଭଲ ଥିବା ଓ ପୁଂଜି ନିବେଶ ହେଉଥିବା ସମ୍ପର୍କିତ ବକ୍ତବ୍ୟକୁ ନେଇ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ତାଙ୍କୁ କାଠଗଡାରେ ଠିଆ କରାଇଥିଲେ । ସେ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ପ୍ରଶ୍ନ କରିଥିଲେ ଯେ ତେବେ କଣ ରାଜ୍ୟ ସରକାରଙ୍କ ଶେତ୍ୱ ପତ୍ର ଭୁଲ କି । ଶେତ୍ୱ ପତ୍ର ରେ ଯାହା ତଥ୍ୟ ରାଜ୍ୟ ସରକାର ଦେଇଛନ୍ତି ତାହା କଣ ଆଇନଶୃଙ୍ଖଳା ପରିସ୍ଥିତି କୁ ଦର୍ଶାଉ ନାହିଁ କି । ପୋଲିସ କୁ ରାଜନୈତିକ କ୍ଷେତ୍ରରେ ବ୍ୟବହାର କରୁଛି କିଏ ବୋଲି ସେ ପ୍ରଶ୍ନ କରିଥିଲେ । ତେବେ ଜୟ ନାରାୟଣ ଏହି ପ୍ରସଙ୍ଗରେ କହୁଥିବା ବେଳେ ସରକାରୀ ଦଳର ବିଧାୟକ ମାନେ ପାଟିତୁଣ୍ଡ କରୁଥିବା ଦେଖିବାକୁ ମିଳିଥିଲା ।ଶ୍ରୀ ମିଶ୍ର କହିଥିଲେ ସେ କେବଳ ମିଛ କଥା କହି ଓଡ଼ିଶାବାସୀଙ୍କୁ ଭ୍ରମିତ କରିବା ପାଇଁ ଚେଷ୍ଟା କରିଛନ୍ତି । ରାଜ୍ୟ ସରକାରଙ୍କ ପ୍ରଦତ୍ତ ତଥ୍ୟରୁ ଓଡ଼ିଶାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଛି । ମୁଖ୍ୟମନ୍ତ୍ରୀ ସତ୍ୟର ସାମ୍ନା କରନ୍ତୁ ଏବଂ ଓଡ଼ିଶାବାସୀଙ୍କୁ ସତ କୁହନ୍ତୁ । ଗତକାଲି ରାଜ୍ୟ ସରକାରଙ୍କ ଶ୍ୱେତପତ୍ରରେ ଥିବା ତଥ୍ୟନୁସାରେ ୨୦୨୧ ତୁଳନାରେ ୨୦୨୨ରେ ଧର୍ତ୍ତବ୍ୟ ଅପରାଧ ହାର ୧୪.୬୫ % ବୃଦ୍ଧି ପାଇଛି । କିଛି ଦିନ ପୂର୍ବରୁ ଗୃହ ବିଭାଗ ଦେଇଥିବା ତଥ୍ୟନୁସାରେ ୨୦୨୨ରେ ରାଜ୍ୟରେ ୧୩୭୯ ହତ୍ୟା ଏବଂ ୩୧୮୪ ଦୁଷ୍କର୍ମ କେସ୍ ରୁଜୁ ହୋଇଛି ।

## ବଢୁଛି କରୋନା ସଂକ୍ରମଣ: ସମୀକ୍ଷା ବୈଠକ ପରେ ବଡ ନିର୍ଦ୍ଦେଶ ଦେଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୨।୩(ପି.ଏନ): ଦେଶରେ ପୁଣିଥରେ ମହାମାରୀ କରୋନା ସଂକ୍ରମଣ ଧୀରେଧୀରେ ତା'ର କାୟା ବିସ୍ତାର କରିବା ଆରମ୍ଭ କରିଛି। ଗତ ୨୪ ଘଣ୍ଟାରେ ଦୈନିକ ସଂକ୍ରମଣ ୧୧ ଶହ ପାର କରିବାରୁ ସମସ୍ତଙ୍କ ଚିନ୍ତା ବଢ଼ିଛି। ସ୍ଥିତକୁ ଦୃଷ୍ଟିରେ ରଖି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ସେ କରୋନା ସ୍ଥିତିର ଯାଞ୍ଚ କରିବା ଲାବ ସର୍ଭଲାନ୍ସ, ଜେନୋମ ସିକ୍ୱେନ୍ସିଂ ଓ ସମସ୍ତଙ୍କ ପ୍ରକାରର ଗୁରୁତର ଶ୍ୱାସରୋଗର ଟେଷ୍ଟ କରିବାକୁ ପରାମର୍ଶ ଦେଇଛନ୍ତି ।ଗତ ୨୪ ଘଣ୍ଟାରେ ଦେଶରେ ୧୧୩୪ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଦେଶରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୭,୦୨୬ରେ ପହଞ୍ଚିଛି। ନଭେମ୍ବର ମାସ ପରେ ପ୍ରଥମଥର ଦେଶରେ ଏତେ ସଂଖ୍ୟା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏପରି ତଥ୍ୟ ଦେବା ପରେ ପ୍ରଧାନମନ୍ତ୍ରୀ ମୋଦି ବରିଷ୍ଠ ଅଧିକାରୀ ଓ ମନ୍ତ୍ରୀମାନଙ୍କ ସହ କରୋନା ସ୍ଥିତିର ସମୀକ୍ଷା କରିଛନ୍ତି। ସଂକ୍ରମଣ ବଢୁଥିବାରୁ ପ୍ରଧାନମନ୍ତ୍ରୀ ଦେଶର ବିଭିନ୍ନ ହସ୍ପିଟାଲରେ ମକ ଡ୍ରିଲ୍ସ ପାଇଁ ପରାମର୍ଶ ଦେଇଛନ୍ତି ଓ ସମସ୍ତଙ୍କୁ ସତର୍କ ରହିବାକୁ କହିଛନ୍ତି। ଏଥିସହ ଶ୍ୱାସଜନିତ ହାଇଜିନ ଓ କୋଭିଡର ଉଚିତ ବ୍ୟବହାର ପାଳନ କରିବାକୁ ପରାମର୍ଶ ଦେଇଛନ୍ତି।



## ଶିଶୁ ମୃତ୍ୟୁହାର ଓ ମାତୃମୃତ୍ୟୁହାର କମିବା କ୍ଷେତ୍ରରେ ଓଡିଶା ଆଗରେ : ମନ୍ତ୍ରୀ

ଭୁବନେଶ୍ୱର ,୨୨।୩(ପି.ଏନ): ରାଜ୍ୟରେ ୬ ବର୍ଷରୁ କମ୍ ସାମ୍ ଏବଂ ମାମ୍ ପିଲାମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା (ଏମ୍ଏସ୍ପିୱାଇ) ପ୍ରଣୟନ କରିଛନ୍ତି । ଏହି ଯୋଜନାରେ ୨୦୨୩ରୁ ୨୦୨୭-୨୮ ମଧ୍ୟରେ ୩ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତାବିତ ହୋଇଛି । ୨୦୦୫ରୁ ୨୦୨୦ ମସିହା ମଧ୍ୟରେ ଶିଶୁ ମୃତ୍ୟୁହାର କମିବା କ୍ଷେତ୍ରରେ ସମଗ୍ର ଦେଶରେ ଆମ ରାଜ୍ୟ ପ୍ରଥମ ସ୍ଥାନରେ ରହିଛି । ୨୦୧୫ରୁ ୨୦୧୭ ଏବଂ ୨୦୧୮ରୁ ୨୦୨୦ ମଧ୍ୟରେ ମାତୃମୃତ୍ୟୁହାର କମିବା କ୍ଷେତ୍ରରେ ଆମେ ସାରା ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛୁ ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ୍ ପ୍ରକାଶ କରିଛନ୍ତି । ମାଳତି ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନାରେ ୯୧.୧୩ କୋଟି ଟଙ୍କାର ବଜେଟ ପ୍ରସ୍ତାବିତ ହୋଇଛି । ଏହି ଯୋଜନାରେ ପ୍ରାକ୍ ବିଦ୍ୟାଳୟ ପିଲାମାନଙ୍କୁ ଏକ ୟୁନିଫର୍ମ ଲୁକ୍ ପ୍ରଦାନ କରିବା ଏବଂ ପିଲାଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ଯୋଗଦେବାକୁ ଉତ୍ସାହିତ କରିବା ପାଇଁ ଦୁଇଟି ୟୁନିଫର୍ମ, ଗୋଟିଏ ଯୋଡ଼ା ଜୋତା, ଗୋଟିଏ ଯୋଡ଼ା ମୋଜା ଏବଂ ଗୋଟିଏ ସ୍ୱେଟର ପିଲାମାନଙ୍କୁ ଦିଆଯାଉଛି ।ଆଜି ଗୀତ ଗୋବିନ୍ଦ ସଦନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହିଳା ଓ ଶିଶୁ ବିକାଶ ବଜେଟ୍ ସମ୍ବନ୍ଧରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ କହିଲେ ଯେ ୨୦୨୩-୨୪ ବର୍ଷ ପାଇଁ ବିଭାଗର ମୋଟ ବଜେଟ ଆକଳନ ୩୬୭୦ କୋଟି ଟଙ୍କା ରହିଛି । ପୂର୍ବ ବର୍ଷ ଏହାର ପରିମାଣ ୩୫୬୬ କୋଟି ଟଙ୍କା ଥିଲା । ଚଳିତ ବର୍ଷ ବଜେଟ୍ ରେ ଦୁଇଟି ନୂଆ ଯୋଜନା ଯଥା- ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା ଏବଂ ଆଶୀର୍ବାଦ ଯୋଜନା ଉପରେ ଗୁରୁତ୍ୱ ଦିଆଯାଉଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଏମଏସ୍ପିୱାଇ ଯୋଜନାରେ ୨୫୦ କୋଟି ଟଙ୍କାର ବଜେଟ ପ୍ରସ୍ତାବିତ ହୋଇଛି । ସେହିପରି ସରକାର ବାଲ୍ୟବିବାହ ରୋକିବା ପାଇଁ ଏବଂ କିଶୋରୀମାନଙ୍କ ସଶକ୍ତିକରଣ ପାଇଁ 'ଅଦ୍ୱିକା' ଯୋଜନା ପ୍ରଣୟନ କରିଛନ୍ତି । ଏଥି ନିମନ୍ତେ ୨୦୨୩-୨୪ ଆର୍ଥିକ ବର୍ଷରେ ୫ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରହିଛି ।ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା କହିଲେ ଯେ ୧୫ରୁ ୧୯ ବର୍ଷ ବୟସର କିଶୋରୀ-ବାଳିକା, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମାଆ ଏବଂ ଅତ୍ୟଧିକ କମ ଓଜନର ଶିଶୁମାନଙ୍କର ପୁଷ୍ଟିହୀନତାକୁ ଦୂର କରିବା ଏହି ବିଭାଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏତଦ୍‌ବ୍ୟତୀତ ଅସହାୟ ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ରାଜ୍ୟରେ 'ସ୍ୱାଧାର ଗୃହ' ଓ 'ଉଜ୍ଜ୍ୱଳା' ଯୋଜନା କାର୍ଯ୍ୟରତ ରହିଛି ।

## ଚମ୍ପୁଆ ବ୍ଲକରେ ଅଧିକାରୀ ମରୁଡ଼ି : ଉନ୍ନୟନ କାର୍ଯ୍ୟ ଠପ

ଚମ୍ପୁଆ, ୨୨।୩(ପି.ଏନ): ଉପାନ୍ତ ଚମ୍ପୁଆ ବ୍ଲକରେ ଅଧିକାରୀ ମରୁଡି ବ୍ଲକର ବିକାଶ ଧାରାକୁ ପଥରୋଧ କରି ରଖିଥିବାରୁ ଆଗେଇ ପାରୁନି ଉନ୍ନୟନ କାମ କ୍ଷ ୨୨ ଟି ପଂଚାୟତକୁ ୧୦ ଜଣ ପିଇଓ ଥିବାବେଳେ ଜିପିଓ ପଦବୀ ମଧ୍ୟ ପିଇଓ ଙ୍କ ଦାୟିତ୍ୱରେ ରହି ଥିବାରୁ ବ୍ଲକ ର ପଂଚାୟତ ଗୁଡିକରେ ବିକାଶ କେବଳ କାଗଜ କଲମରେ ଚାଲୁଥିବା ଦେଖିବାକୁ ମିଳୁଛି କ୍ଷ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକରେ ବ୍ଲକର ଗ୍ରାମପଂଚାୟତ ଅଧିକାରୀଙ୍କ ପଦବୀରେ କାର୍ଯ୍ୟଭାର ସମ୍ଭାଳୁଛନ୍ତି ପଂଚାୟତ ନିର୍ବାହୀ ଅଧିକାରୀ କ୍ଷ କର୍ମଚାରୀ ମରୁଡି ଜନିତ ସମସ୍ୟା ରହିଥିବାବେଳେ ଦୈନିକ ଭିଡିଓ କନଫରେନ୍ସରେ ସମୟ ଦେଇ ଅଧିକାରୀ ପଂଚାୟତ କାର୍ଯ୍ୟାଳୟକୁ ଅବହେଳା କରୁଥିବା ଅଭିଯୋଗ ହେଉଛି । ଚମ୍ପୁଆ ବ୍ଲକରେ ୨୨ ଟି ପଂଚାୟତ ରହିଥିବାବେଳେ ରହିଛନ୍ତି ମାତ୍ର ୧୦ ଜଣ ପଂଚାୟତ ନିର୍ବାହୀ ଅଧିକାରୀ । ୪ ଜଣ ପିଇଓ ୩ ଟି ଲେଖାଏଁ ପଂଚାୟତ ଦାୟିତ୍ୱ ତୁଲାଉ ଥିବା ବେଳେ ବ୍ଲକ ପଂଚାୟତ ଅଧିକାରୀ ( ଜିପିଓ ) ପଦବୀ ମଧ୍ୟ ଜଣେ ପିଇଓ ଦାୟିତ୍ୱ ତୁଲାଉ ଥିବାରୁ ଚମ୍ପୁଆ ବ୍ଲକରେ ଉନ୍ନୟନ କାର୍ଯ୍ୟ ଏକ ପ୍ରକାର ଠପ ହୋଇ ଯାଇଛି। ପଂଚାୟତର ପିଇଓ ଦାୟିତ୍ୱରେ ରଞ୍ଜୁ ଗିରି କାଳିକାପ୍ରସାଦ, ଚନ୍ଦ୍ରଶେଖରପୁର ଓ କାଶୀପାଳ ପଂଚାୟତ ଦାୟିତ୍ୱରେ ଥିବାବେଳେ ସଞ୍ଜୟ ମୁଦି ରିମୁଳି, କଦଗଡ଼ିଆ, ପର୍ଶଲା ପଂଚାୟତ ଦାୟିତ୍ୱ ତୁଲାଉ ଥିବା ଦେଖିବାକୁ ମିଳୁଛି । ସେହିପରି ପୂର୍ଣ୍ଣ ଚନ୍ଦ୍ର ମହାନ୍ତ କୁଟାରୀପଶି, ରଙ୍ଗାମାଟିଆ ଓ କରଞ୍ଜିଆ ଦାୟିତ୍ୱ ତୁଲାଉଥିବାବେଳେ ଜ୍ୟୋତିପୁର, ଭୂଇଁପୁର ପଂଚାୟତ ଦାୟିତ୍ୱ ତୁଲାଉଥିବା ପିଇଓ ଅନିଲ କୁମାର ମହାନ୍ତ ବ୍ଲକର ଜିପିଓ ଦାୟିତ୍ୱରେ ଥାଇ ପଂଚାୟତ ଗୁଡିକୁ ସମୟ ଦେଇ ପାରୁନଥିବା ଦେଖିବାକୁ ମିଳୁଛି । ସେହିପରି ରୀନା ପ୍ରଧାନ ସରେଇ ଓ ଜାମୁଦଳକ, ସ୍ୱାଗତିକା ପୃଷ୍ଟି ଷଡ଼ଙ୍ଗୀ ଓ ପଡୁଆ, ପଟେଲ ମହାନ୍ତ ଜାଲି ଓ ଯଜପଶି,ଜୁଲି ସର୍ଦାର ଭଣ୍ଡା ଓ ବଡନଇ, ହରିହର ଦାସ ସୁନାପୋଷି ଓ ରଜିଆ ଦାୟିତ୍ୱରେ ଥିବାବେଳେ ଜୁରିଆ ସଏ କେବଳ ଉଛବାଳି ପଂଚାୟତ ଦାୟିତ୍ୱରେ ଥିବା ଜଣାପଡିଛି କ୍ଷ ଜଣେ ଜଣେ ପିଇଓ ଏକାଧିକ ଦାୟିତ୍ୱରେ ଥିବାରୁ ଚାପରେ ରହି କାମ କରୁଥିବାବେଳେ ଅଧିକାଂଶ ପିଇଓ ଙ୍କ ଡ଼ାଇରୀ ଲେଖା ଯାଉ ନ ଥିବା ଜଣା ପଡିଛି କ୍ଷ ସେହିପରି ବ୍ଲକର ଯୋଗାଣ ଅଧିକାରୀ ଯୋଡ଼ା ଓ ଚମ୍ପୁଆ ଦାୟିତ୍ୱରେ ଥାଇ ମାସର ଅଧିକାଂଶ ଦିନ ଚମ୍ପୁଆ କୁ ସମୟ ଦେଇ ପାରୁନଥିବାରୁ ଚମ୍ପୁଆ ବ୍ଲକରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳୁଛି କ୍ଷ ପିଇଓ ମାନେ ମାସର ଅର୍ଦ୍ଧାଧିକ ଦିନ ଭିଡିଓ କନଫରେନ୍ସ ସହିତ ମିଟିଙ୍ଗ ନାମରେ ବ୍ଲକ କାର୍ଯ୍ୟାଳୟରେ ଡେରା ପକାଇ ରହୁଥିବାବେଳେ ମାସର ମାତ୍ର ଦୁଇ ତିନି ଦିନ ଗୋଟିଏ ଗୋଟିଏ ପଂଚାୟତ ପାଇଁ ସମୟ ଦେଉଥିବାରୁ ପଂଚାୟତ ପାଇଁ ଆସୁଥିବା ଅନୁଦାନ ଗୁଡିକ ବର୍ଷ ବର୍ଷ ଧରି ଖର୍ଚ୍ଚ ନ ହୋଇ ପଡି ରହୁଛି କ୍ଷ ସାଧାରଣ ଲୋକ ମାନେ ନିଜର ଛୋଟ, ବଡ଼ ବିଭିନ୍ନ କାମ ନେଇ ପଂଚାୟତକୁ ଯାଉଥିବାବେଳେ ଅଧିକାରୀଙ୍କ ଭେଟ ନ ପାଇ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଏ ପରିସ୍ଥିତି ରେ ଚମ୍ପୁଆ ବ୍ଲକର ପଂଚାୟତ ଗୁଡିକରେ ଉନ୍ନୟନ ମୂଳକ କାର୍ଯ୍ୟ କିପରି ଚାଲୁଛି ବେଶ ଅନୁମାନ କରାଯାଇ ପାରେ କ୍ଷ ତେଣୁ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।






# ଟି ଟାଇମ୍

# ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ। ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି। ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି। ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍‌ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୬୭)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

# ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା’ ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଞ୍ଜିନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍‌ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ୍ୟ ଜିଜ୍ଞାସା ଯାତ ହୋଇଥାଏ। ପଙ୍ଖାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ମାର୍ଚ୍ଚ ୨୩

# ନିଆଁ ପେଟରେ ଜଙ୍ଗଲ



ବିପିନ୍ ବିହାରୀ ରାଉତ

ନିକଟରେ ପୃଥିବୀର ଫୁସ୍‌ଫୁସ୍ କୁହାଯାଉଥିବା ଆମାଜାନ ଜଙ୍ଗଲରେ ଭୟାବହ ଅଗ୍ନିକାଣ୍ଡ ଘଟି ସମଗ୍ର ବିଶ୍ୱବାସୀଙ୍କୁ ବିଚଳିତ ଓ ଚକିତ କରିଦେଇଛି । ଜଙ୍ଗଲକୁ ଆମେ ପ୍ରାକୃତିକ ସମ୍ପଦ ହିସାବରେ ଗ୍ରହଣ କରିଥିବା କାରଣରୁ ସେଠି ବିପଦ ରହିବା ସ୍ୱାଭାବିକ । କିନ୍ତୁ ସେହି ବିପଦ ଯେତେ ପ୍ରକୃତିଦତ୍ତ ନୁହେଁ ତା'ଠାରୁ ଅଧିକ ମନୁଷ୍ୟ ଦ୍ୱାରା ସୃଷ୍ଟି କରାଯାଉଛି । ମଣିଷ ବିଭିନ୍ନ ମାର୍ଗରେ ପାରିବେଶିକ ସନ୍ତୁଳନକୁ ପ୍ରଦୂଷଣ ଜରିଆରେ ନଷ୍ଟ କରି ଚାଲିଥିବାବେଳେ ବନାଗ୍ନିର କାରଣ ସାଜି ଜଙ୍ଗଲ ସମ୍ପଦକୁ ନଷ୍ଟକରି ଜଳବାୟୁର ସ୍ୱାଭାବିକତାରେ ବିଭ୍ରାଟ ସୃଷ୍ଟି କରିଚାଲିଛି, ଯାହାକି ଜୀବଜଗତ ପାଇଁ ଧ୍ୱଂସର ପରିସ୍ଥିତିକୁ ଆମନ୍ତ୍ରଣ କରୁଛି । ଆମ ଦେଶ ଭାରତ । ବିଶ୍ୱର ଅନ୍ୟତମ ଜୈବ ବିବିଧତାର ପରିପୂର୍ଣ୍ଣ ଏହି ରାଷ୍ଟ୍ରର ୬୩.୭ ନିୟୁତ ହେକ୍ଟର ଅଞ୍ଚଳ ଜଙ୍ଗଲ ପରିପୂର୍ଣ୍ଣ । ଅର୍ଥାତ୍ ଦେଶର ମୋଟ ଭୌଗୋଳିକ ଅଞ୍ଚଳ ମଧ୍ୟରୁ ୧୯.୩୯ ପ୍ରତିଶତ ଜଙ୍ଗଲ । ଏଥିରୁ ୧୧.୪୮ ପ୍ରତିଶତ ଘଞ୍ଚ ଜଙ୍ଗଲ । ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆର ତଥ୍ୟ ଅନୁଯାୟୀ ଦେଶରେ ରହିଥିବା ଏହି ଜଙ୍ଗଲ ଅଞ୍ଚଳର ୫୩ ପ୍ରତିଶତ ବନାଗ୍ନିପ୍ରବଣ । ତନ୍ମଧ୍ୟରୁ ପ୍ରାୟ ୯ ପ୍ରତିଶତ ଜଙ୍ଗଲରେ ନିୟମିତ ବ୍ୟବଧାନରେ ନିଆଁ ଲାଗିଥାଏ । ଅବଶିଷ୍ଟ ଜଙ୍ଗଲରେ କେବେ କେମିତି ନିଆଁ ଲାଗିବାର ଦେଖାଯାଏ । ହେକ୍ଟର ହିସାବ ଦେଖିଲେ ଦେଶରେ ୩.୭୩ ନିୟୁତ ହେକ୍ଟର ଜଙ୍ଗଲରେ ନିୟମିତ ନିଆଁ ଲାଗିଥାଏ । ଏହି ବନାଗ୍ନି ଫଳରେ ଦେଶରେ ପ୍ରତିବର୍ଷ ପ୍ରାୟ ୪୪୦ କୋଟି ଟଙ୍କାର କ୍ଷୟକ୍ଷତି ଘଟିଥାଏ ବୋଲି ଏକ ଆକଳନରୁ ଜଣାପଡ଼ିଛି । ବନାଗ୍ନି ଫଳରେ ଜଙ୍ଗଲରେ ଜଳିପୋଡ଼ି ନଷ୍ଟ ହୋଇଯାଉଥିବା ଗଛବୃକ୍ଷକୁ ନେଇ ଏହି କ୍ଷତିର ପରିମାଣ ହିସାବ କରାଯାଇଛି । ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ମୃତ୍ତିକାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ । କାରଣ ଏହାଦ୍ୱାରା ଜଳବାୟୁରେ ବିଭ୍ରାଟ ଦେଖାଦେବା ସାଙ୍ଗକୁ ପରିବେଶ ଅସୁରକ୍ଷିତ ହୋଇପଡୁଛି ଯାହାକୁ କୌଣସି ମୂଲ୍ୟରେ ତଉଲିବା ଅସମ୍ଭବ ।

ପ୍ରଶ୍ନ ଉଠେ ଜଙ୍ଗଲରେ ନିଆଁ କାହିଁକି ଲାଗେ, କେମିତି ଲାଗେ ଓ କିଏ ଲଗାଏ ? ଏହି ପ୍ରଶ୍ନର ଦୁଇଟି ଉତ୍ତର । ପ୍ରଥମତଃ ପ୍ରାକୃତିକ କାରଣରୁ ଜଙ୍ଗଲରେ ନିଆଁ ଲାଗେ, ଦ୍ୱିତୀୟତଃ ମଣିଷ ନିଜର ସ୍ୱାର୍ଥ ପାଇଁ ପୁଣି ଉଦ୍ଦେଶ୍ୟହୀନ ଭାବେ ଜଙ୍ଗଲ ପୋଡ଼ିଥାଏ । ଜଙ୍ଗଲ ଉପରେ ଯେଉଁମାନେ ଗବେଷଣା କରୁଛନ୍ତି ସେମାନଙ୍କର ମତ ହେଉଛି ପ୍ରାକୃତିକ ବା ପରିବେଶଗତ କାରଣରୁ ଜଙ୍ଗଲରେ ନିଆଁ ଲାଗିବା ଘଟଣା ବହୁତ କମ୍ । ପବନର ବେଗ, ଜଳବାୟୁର ଆର୍ଦ୍ରତା ଉପରେ ନିର୍ଭର କରେ ପ୍ରାକୃତିକ ବନାଗ୍ନି । ଏପରିକି ଏଇନିନୋର ପ୍ରଭାବ ମଧ୍ୟ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟାଇପାରେ । ଜଳବାୟୁ ବିଶେଷଜ୍ଞ ଓ ପରିବେଶବିତ୍‌ମାନେ ମଧ୍ୟ ଏହି ମତ ରଖନ୍ତି । ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ । ପବନର ତୀବ୍ର ଗତି ଯୋଗୁ ଡାଳ, ବାଉଁଶରେ ବାଉଁଶ ଘସି ହୋଇ ନିଆଁ ସୃଷ୍ଟି ହୋଇଥାଏ । ବେଳେବେଳେ ପାହାଡ଼, ପର୍ବତରୁ ତଳକୁ ଗଡ଼ିଆସୁଥିବା ପଥର ଖଣ୍ଡ ଅନ୍ୟ ପଥର ସହ ସଂଘର୍ଷରେ ଅଗ୍ନି ଉତ୍ପନ୍ନ କରାଯାଇଥାଏ ଓ ଏହି ନିଆଁ ଶୁଷ୍କ କାଠ ଓ ପତ୍ର ସଂସ୍ପର୍ଶରେ ଆସି ଜଙ୍ଗଲରେ ନିଆଁ ଲାଗିଯାଇଥାଏ । ଜଙ୍ଗଲରେ ନିଆଁ ଲାଗିବା ଫଳରେ କେବଳ ମୂଲ୍ୟବାନ ଗଛ ଜଳିପୋଡ଼ି ନଷ୍ଟ ହୁଏ ନାହିଁ, ଏହାଦ୍ୱାରା ପ୍ରଭୂତ କ୍ଷତିଘଟେ । ଜଳ ଅବବାହିକା କ୍ଷେତ୍ର ଉଜୁଡ଼ି ଯାଏ । ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ । ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ । ଅନେକ ଜୀବଜନ୍ତୁଙ୍କର ପ୍ରାଣହାନୀ କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ । ଗଛ ଧ୍ୱଂସ ପାଉଥିବା ଯୋଗୁଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶ୍ଳେଷଣରେ ବ୍ୟାଘାତ ଘଟେ । ଫଳରେ ପରିବେଶରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଘଟେ । ଜଙ୍ଗଲ ସମ୍ପଦ ହ୍ରାସଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଏ । ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀମାନଙ୍କର ଜୀବନଜୀବିକା ବିପନ୍ନ ହୁଏ । ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ ମଣିଷ ବିବାଦ ବୃଦ୍ଧି ପାଏ । ଗତ କେତେବର୍ଷ ଧରି ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଲାଣି । ଜଙ୍ଗଲ ନିଆଁକୁ ରୋକିବା ପାଇଁ ସରକାର ଆଇନ ପ୍ରଣୟନ କରିଛନ୍ତି । ମାତ୍ର ଏହି ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଯାଉନାହିଁ । ଜାତୀୟ ଜଙ୍ଗଲ ନୀତି ୧୯୮୮ରେ ଜଙ୍ଗଲ ନିଆଁ ସମ୍ପର୍କରେ ଉଲ୍ଲେଖ ରହିଛି । ଅତ୍ୟାଧୁନିକ ଜ୍ଞାନକୌଶଳ ଓ ପରିଚାଳନା ପଦ୍ଧତି ଅନୁସରଣ କରି ଜଙ୍ଗଲ ନିଆଁକୁ ରୋକିବା ସକାଶେ ଏଥିରେ କୁହାଯାଇଛି । ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଗର୍ହିତ ତଥା ଦଣ୍ଡନୀୟ ଅପରାଧ ବୋଲି କୁହାଯାଇଛି । ଭାରତ ସରକାର ମଧ୍ୟ ୨୦୦୦ ମସିହାରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ କେତେକ ନୀତି ନିୟମ ପ୍ରଣୟନ କରିଛନ୍ତି । ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି । ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ ବିଶେଷ ଭାବେ ପ୍ରସ୍ତୁତ ହୋଇଛି । ଏଥିରେ ସଂରକ୍ଷିତ ଓ ଖୋଲା ଜଙ୍ଗଲରେ ନିଆଁ ଲଗାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଜଙ୍ଗଲ ପାଖରେ ନିଆଁର ବ୍ୟବହାର ଉପରେ ମଧ୍ୟ କଟକଣା ଜାରି କରାଯାଇଛି । ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ୍ୟ ରହିଛି । ଗ୍ରାମଗୋଷ୍ଠୀମାନଙ୍କୁ ନିଜସ୍ୱ ଜ୍ଞାନକୌଶଳରେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଥିଲେ ମଧ୍ୟ କିଛି ହେଉନାହିଁ । ଜଙ୍ଗଲ ନିଆଁ, ଜଙ୍ଗଲ ସମ୍ପଦର ଅବକ୍ଷୟ ଯେ ଏହାର କାରଣ ତାହା ସାଧାରଣ ମଣିଷ ହେଜି ପାରୁନାହିଁ । ଜଙ୍ଗଲ ସମ୍ପଦ ନଷ୍ଟ କାରଣରୁ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ବର୍ଷକୁ ବର୍ଷ ବୃଦ୍ଧି ପାଉଥିବା ସମ୍ଭବତଃ ସାଧାରଣ ମଣିଷର ଜ୍ଞାନ ପରିସରକୁ ଆସୁନାହିଁ । କେବଳ ଭାରତରେ ନୁହେଁ, ଭୟାବହ ଜଙ୍ଗଲ ନିଆଁ ଆମେରିକା, କାନାଡ଼ା, ସୁଇଜରଲ୍ୟାଣ୍ଡ, ଜାପାନ ଭଳି ଉନ୍ନତ ରାଷ୍ଟ୍ରରେ ମଧ୍ୟ ଦେଖିବାକୁ ମିଳୁଛି । ଏସବୁ ରାଷ୍ଟ୍ରରେ ଲାଗୁଥିବା ଜଙ୍ଗଲ ନିଆଁ ଏକାଧିକ ଦିନ ପର୍ଯ୍ୟନ୍ତ ନିର୍ବାପିତ ହୋଇପାରୁନାହିଁ । ତେବେ ଏହାକୁ ନିର୍ବାପିତ କରିବା ପାଇଁ ସେ ସବୁ ଦେଶରେ ଯେଉଁଭଳି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ରହିଛି ଆମ ଦେଶରେ ସେଭଳି ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ । ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି । ନିରୀକ୍ଷଣ ମଞ୍ଚରେ ଦିଗ ନିର୍ଣ୍ଣାୟକ ଯନ୍ତ୍ର ମଧ୍ୟ ଲଗାଯାଇଛି, ଯାହାଫଳରେ ଜଙ୍ଗଲ ଉପରେ ସଠିକ୍ ନଜର ରଖାଯାଇପାରୁଛି । ଅଗ୍ନି ନିର୍ବାପନ ପାଇଁ ହେଲିକେପ୍ଟର ବ୍ୟବସ୍ଥା ମଧ୍ୟ ରହିଛି । ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି । ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ । କେବଳ ଫାୟାର ଲାଇନ ଓ ପରିଖା ପ୍ରଭୃତି ପାରମ୍ପରିକ ବ୍ୟବସ୍ଥାକୁ ନେଇ ଆମେ ବାନଗ୍ନିକୁ ଶାନ୍ତ କରିବା ପାଇଁ ଉଦ୍ୟମ କରୁଛୁ, ଯାହାଫଳରେ ବିଦେଶରେ ଭୟାବହ ବନାଗ୍ନି ଯେତିକି ଜଙ୍ଗଲ ନଷ୍ଟ ନକରୁଛି ଆମ ଦେଶରେ ଛୋଟ ଛୋଟ ଜଙ୍ଗଲ ନିଆଁ ଅଧିକ ଜଙ୍ଗଲ ଧ୍ୱଂସର କାରଣ ହେଉଛି ।

*ଯୁଗ୍ମ ନିର୍ଦ୍ଦେଶକ, ଓରମାସ୍, କଟକ,*
*ଦୂରଭାଷ : ୯୪୩୭୬୬୬୪୫୩*

# ମାରାତ୍ମକ କ୍ୟାନସର ଓ ହେପାଟାଇଟିସ୍

ଚଳିତ ବର୍ଷ ବିଶ୍ୱ କ୍ୟାନସର ଦିବସର ବାର୍ତ୍ତା ରହିଛି 'କ୍ଲୋଜ ଦ କେୟାର ଗ୍ୟାପ' (ଯତ୍ନ ବ୍ୟବଧାନ ବନ୍ଦ କରନ୍ତୁ) । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଭିନ୍ନ ସେବା ସଙ୍ଗଠନ ଦ୍ୱାରା ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନସର ଦିବସ ଭାବେ ପାଳନ କରାଯାଏ । ବିଶ୍ୱରେ ୮୦ ଲକ୍ଷରୁ ଅଧିକ ଲୋକ ପ୍ରତି ବର୍ଷ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି । ଏହାର ଭୟାବହତା ପ୍ରତି ଲୋକଙ୍କୁ ସଚେତନ କରାଇବା ଏବଂ ଚିକିତ୍ସା ଓ ନିରାକରଣ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜିର ଦିନକୁ ବିଶ୍ୱ କର୍କଟ ସଚେତନତା ଦିବସ ଭାବେ ପାଳନ କରାଯାଉଛି । ୟୁନିୟନ ଫର ଇଣ୍ଟରନ୍ୟାସନାଲ କ୍ୟାନ୍ସର କଣ୍ଟ୍ରୋଲ ଦ୍ୱାରା ବିଶ୍ୱ କର୍କଟ ସଚେତନତା ଦିବସ ପ୍ରତିଷ୍ଠା ହୋଇଥିଲା । ୨୦୨୫ ସୁଦ୍ଧା କର୍କଟ ଜନିତ ମୃତ୍ୟୁ ଓ ପୀଡ଼ିତଙ୍କ ସଂଖ୍ୟା ହ୍ରାସ କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ । ଏ ଅବସରରେ କର୍କଟ ଆକ୍ରାନ୍ତଙ୍କ ସମର୍ଥନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଏ । କର୍କଟ ରୋଗ ଚିହ୍ନଟ ପରେ ତା ସହ ଲଢ଼ିବା ପାଇଁ ସେମିନାର, କ୍ୟାମ୍ପେନ୍, ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ । ସାଧାରଣରେ ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ 'ବି' ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ୍ୟ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦୁରୀ ଏବଂ ଯକୃତ କର୍କଟ ରୋଗ ମଧ୍ୟ ସୃଷ୍ଟି ହୋଇପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ 'ବି' ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ବହୁ ସଂଖ୍ୟରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନିରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ଅନ୍ୟଲୋକମାନେ ମଧ୍ୟ ହୋଇଥାନ୍ତି । ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ । ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣ ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଏହି କ୍ଷେତ୍ରରେ ରୋଗୀକୁ ଭୋକ ଲାଗିନଥାଏ, ବାନ୍ତି ହୋଇଥାଏ, ଶରୀରରେ ଜ୍ୱର ଦେଖାଯାଏ, ଦେହ ଘୋଳାବିନ୍ଧା କଷ୍ଟ ଲାଗେ, ଆଖି ଓ ଚର୍ମ ହଳଦିଆ ଦେଖାଯିବା ସହ ପରିସ୍ରା ଗାଢ଼ ରଙ୍ଗର ହୋଇଥାଏ । ମଳ ମଧ୍ୟ ହାଲୁକା ରଙ୍ଗର ହୋଇଥାଏ । ବେଳେବେଳେ ବୃକକ୍ ଓ ମସ୍ତିଷ୍କ ମଧ୍ୟ ଅକାମୀ ହୋଇଯାଏ ଓ ଏ କ୍ଷେତ୍ରରେ ରୋଗୀ ସଂଜ୍ଞାହୀନ ହୋଇଯାଏ । ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚ କୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି । ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡ଼ିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁର ପ୍ରବେଶ ଜଣେ ସୁସ୍ଥ ଲୋକକୁ ହୋଇପାରିବ । ହେପାଟାଇଟିସ୍ 'ବି' ଏଡ଼୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ଭାରତରେ ଏଡ଼୍‌ସ୍ ଯୋଗୁଁ ସାରା ବର୍ଷରେ ଯେତେ ଲୋକ ମରନ୍ତି, ତା'ଠାରୁ ଅଧିକ ଗୋଟିଏ ଦିନରେ ହେପାଟାଇଟିସ୍ 'ବି' ଯୋଗୁ ମୃତ୍ୟୁବରଣ କରନ୍ତି । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ନିମ୍ନଲିଖିତ ଶ୍ରେଣୀର ବ୍ୟକ୍ତିଙ୍କୁ ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମଣ ହେବାର ଅଧିକ ସମ୍ଭାବନା ରହିଛି । ଡାକ୍ତର ଓ ଶଲ୍ୟ ଚିକିତ୍ସକ, ସେବିକା, ପାଥୋଲୋଜି ଟେକ୍‌ନିସିଆନ୍ ଏବଂ ରକ୍ତ ଭଣ୍ଡାର ଓ ବୃକକ୍ ଡାଏଲିସିସ୍ ବିଭାଗରେ କାର୍ଯ୍ୟରତ କର୍ମକର୍ତ୍ତାମାନେ ଅଧିକ ସଂକ୍ରମଣ ହେବାର ସମ୍ଭାବନା । ସମଲିଙ୍ଗ ସଂଗମ ପ୍ରୟାସୀ (ହୋମୋସେକ୍ସୁଆଲ୍), ରୂପଜୀବୀ, ବିଶୃଙ୍ଖଳ ଅସୁରକ୍ଷିତ ଯୌନକ୍ରିୟା, ଇଞ୍ଜେକ୍‌ସନ ମାଧ୍ୟମରେ ନିଶା ସେବନ କରୁଥିବା ବ୍ୟକ୍ତିମାନେ ମଧ୍ୟ ଏହି ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ଅଧିକ ସଂକ୍ରମଣ ହେବା ସମ୍ଭାବିତ ରହିଛି । ଥାଲାସିମିଆ ଓ ହିମୋଫିଲିଆ ରୋଗୀମାନେ ମଧ୍ୟ ଯେଉଁମାନେ ବାରମ୍ବାର ରକ୍ତ ନିଅନ୍ତି ସେମାନେ ଏଥିରେ ଆକ୍ରାନ୍ତ ହୁଅନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ କୌଣସି ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇନାହିଁ । ଯାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିହେବ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର୍, ଟେଲବିଭୁଡ଼ିନ୍ ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା ଏହା କେବଳ ନିରୋଗ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ହେପାଟାଲୋଜି ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

*ବିଭାଗୀୟ ମୁଖ୍ୟ, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ

ଏବେ ଶୀତଋତୁର ଶେଷ ସମୟ ପହଞ୍ଚିଛି । ପ୍ରତିବର୍ଷ ଋତୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମସ୍ତେ ଏକ ପ୍ରକାର ନିଜ ଅସୁସ୍ଥତାକୁ ଗ୍ରହଣ କରିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ପାଣିପାଗ ବଦଳିବା ସମୟରେ ସ୍ୱାଭାବିକ ଭାବେ ଦେହ ଖରାପ ହୁଏ । ତେବେ ବର୍ତ୍ତମାନର ପ୍ରାୟତଃ ଘରେ ଘରେ ଦେଖାଯାଉଥିବା ଜ୍ୱରକୁ ନେଇ ଅନେକଙ୍କ ଭିତରେ ବିଭିନ୍ନ ଆଲୋଚନା ଓ ଭୟ ଦେଖାଦେଉଛି । ପ୍ରତିଦିନ ଅନେକଙ୍କ ଠାରୁ ଏ ନେଇ ଅଭିଯୋଗ ଆମେ ପାଉଛୁ । ଏହା ନିଃସନ୍ଦେହ । ଓଡ଼ିଶାର ଅନେକ ଅଞ୍ଚଳ ଜ୍ୱରର ପ୍ରାର୍ଦୁଭାବ ଦେଖାଦେଇଛି । ଇନଫ୍ଲୁଏଞ୍ଜା (ଏଚ୍‌୩ଏନ୨) ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ (ଏଚପିଆଇଭି) ରାଜ୍ୟକୁ ଗତି ଏକମାସ ହେବ କବଳିତ କରି ରଖିଛି । ଏହା ସାଙ୍ଗକୁ ସ୍ୱାଇନ ଫ୍ଲୁ ମଧ୍ୟ ଚିନ୍ତା ବଢ଼ାଇଛି । ଘରେ ଘରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ଅନେକ ଏହାକୁ କୋଭିଡ଼ ଭାବି ଦ୍ୱନ୍ଦ୍ୱରେ ପଡୁଛନ୍ତି । ମାତ୍ର ଏହା କୋଭିଡ଼ ନୁହେଁ ବରଂ ଭାଇରାଲ ଫିଭର । ଏହାସହ ଯେଉଁମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ଶରୀରରେ ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଥିବା ଦେଖିବାକୁ ମିଳୁଛି । ଋତୁ ପରିବର୍ତ୍ତନ ଫଳରେ ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ବଢ଼ିଥାଏ । ବିଶେଷକରି ଗ୍ରୀଷ୍ମ ଓ ଶୀତ ଋତୁରେ ଅଧିକ ସଂଖ୍ୟାରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି । ତେବେ ଗତ ଦୁଇ ବର୍ଷ ହେବ କୋଭିଡ଼ ମହାମାରୀ ବ୍ୟାପିଥିବାରୁ ଭାଇରାଲ ଫିଭର ଉପରେ ସେତେଟା ଗୁରୁତ୍ୱ ନଥିଲା । କୋଭିଡ଼ ଥମିବା ପରେ ଚଳିତବର୍ଷ ଭାଇରାଲ ଫିଭର ବଢ଼ିବାରେ ଲାଗିଛି । ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ ଅନ୍ୟମାନେ ଜ୍ୱରରେ ପଡୁଛନ୍ତି । ବୟସ୍କମାନେ ଧଇଁସଇଁ ହୋଇ ପଡୁଛନ୍ତି । ତଥାପି ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ମିଳି ନପାରେ । କାରଣ ଶୀତ ବଢୁଥିବା ସହିତ ପବନରେ ଜଳୀୟ ଅଂଶ ଅଧିକ ପରିମାଣରେ ରହୁଥିବାରୁ ଏହା ଧୂଳି ସହିତ ମିଶି କେବଳ ଜ୍ୱର ନୁହେଁ ଶ୍ୱାସ ସମସ୍ୟାକୁ ମଧ୍ୟ ଦ୍ୱିଗୁଣିତ କରିବାର ବଡ଼ ସମ୍ଭାବନା ସୃଷ୍ଟି କରିଥାଏ । ଚଳିତ ବର୍ଷ ଅଧିକ ସଂଖ୍ୟାରେ ରୋଗୀ ଇନଫ୍ଲୁଏଞ୍ଜା-ଏ (ଏଚ୩ଏନ୨)ରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି । ଏହାସହ ଅନ୍ୟ ଭୂତାଣୁରେ ମଧ୍ୟ ଲୋକମାନେ କେତେକାଂଶରେ ଆକ୍ରାନ୍ତ ହେଉଛନ୍ତି । ଲୋକମାନଙ୍କ ଶରୀରରେ ପ୍ରବଳ ଜ୍ୱର ସହିତ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଉଛି । ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଛି । ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ସାରା ଦେଶରେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି । ପୂର୍ବରୁ ଏହା ଦେଖିବାକୁ ମିଳୁଥିଲେ ବି ଲୋକମାନେ ନିଜର ପରୀକ୍ଷା କରୁନଥିଲେ । ମାତ୍ର କୋଭିଡ଼ ପରେ ଲୋକମାନେ ଅଧିକ ସଚେତନ ହୋଇଛନ୍ତି, ଯାହାଫଳରେ ଏସବୁ ଭୂତାଣୁ ଚିହ୍ନଟ ହେଉଛି । ଇନଫ୍ଲୁଏଞ୍ଜାରୁ ନିଜକୁ ରକ୍ଷା କରିବାକୁ ହେଲେ ଟିକା ନେବା ଜରୁରୀ । ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କୁ ଇନଫ୍ଲୁଏଞ୍ଜା ଟିକା ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଟୀକା ନେଇ ବ୍ୟାପକ ସଚେତନତା ବଢ଼ିବା ସହ ଏହା ପ୍ରତି ଲୋକ ମଧ୍ୟ ଦିନକୁ ଦିନ ବେଶ ସତର୍କ ଓ ଏ ନେଇ ଅଧିକ ଜାଣିବା ପାଇଁ ଆଗ୍ରହୀ ହେଲେଣି । ଦେଶରେ ଗତ ନଭେମ୍ବର ସୁଦ୍ଧା ଇନଫ୍ଲୁଏଞ୍ଜାର ୧୨,୮୮୧ ମାମଲା ଆସିଛି । ଯେଉଁମାନଙ୍କ ଠାରେ ଅକ୍ସିଜେନସ୍ତର ହ୍ରାସ ପାଉଛି ସେମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ଋତୁ ପରିବର୍ତ୍ତନ ସମୟରେ ଏଭଳି ଥଣ୍ଡା, ଜ୍ୱର ଦେଖିବାକୁ ମିଳିଥାଏ । ଔଷଧ ଖାଇଲେ କମି ଯାଉଛି । ମାତ୍ର କୋଭିଡ଼ ସହିତ ଏହାର ସଂପର୍କ ନାହିଁ । ରାଜ୍ୟରେ ଟିକାକରଣ ବେଶ ଭଲ ଥିବାବେଳେ କୋଭିଡ଼ରେ ଆକ୍ରାନ୍ତ ହୋଇଥିବା କାରଣରୁ ଲୋକଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ଅଧିକ ରହିଛି । ତେବେ ଟାଣ ଖରା ଆରମ୍ଭ ହେଲେ ଥଣ୍ଡା, ଜ୍ୱର କମିଯିବ । ଆସନ୍ତା ୭/୧୦ ଦିନ ପରେ ଏଥିରୁ ନିସ୍ତାର ମିଳିବ । ଅପରପକ୍ଷରେ ରାଜ୍ୟରେ ଇନଫ୍ଲୁଏଞ୍ଜା ବାଦ ସ୍ୱାଇନ ଫ୍ଲୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟରେ ୧୪୨ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି । ମାତ୍ର କେହି ପ୍ରାଣ ହରାଇ ନାହାନ୍ତି । ଋତୁ ପରିବର୍ତ୍ତନ ହେଲେ ଭାଇରାଲ ଫିଭର ବଢ଼ିଥାଏ । ତେଣୁ ଯେଉଁମାନଙ୍କର ଥଣ୍ଡା, ଜ୍ୱର ହେଉଛି ସେମାନେ ପାରାସିଟାମଲ ଖାଆନ୍ତୁ । ଏସବୁ କୋଭିଡ଼ ନୁହେଁ । ରାଜ୍ୟରେ କୋଭିଡ଼ ଆକ୍ରାନ୍ତଙ୍କ ସଂଖ୍ୟା ହାତଗଣତି ରହିଛି । ରାଜ୍ୟରେ ଇନଫ୍ଲୁଏଞ୍ଜାର ପରୀକ୍ଷା ପାଇଁ ସୁବିଧା ରହିଛି । ଏହାସହ ନମୁନା ପରୀକ୍ଷା ସଂଖ୍ୟା ବଢୁଥିବାରୁ ସ୍ୱାଇନ ଫ୍ଲୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ବର୍ତ୍ତମାନର ଭାଇରାଲ ଫିଭରକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ । କାରଣ ପ୍ରାୟ ପ୍ରତି ଘରେ ଏପରି ସମସ୍ୟା ଦେଖାଦେଉଛି । ଯଦିଓ ଦିନକୁ ଦିନ ତାପମାତ୍ରା ବଢୁଛି କିନ୍ତୁ ଥଣ୍ଡାର ମାତ୍ରା ଅଧିକ ରହୁଥିବାରୁ ଏହା ଜ୍ୱର ସମସ୍ୟାକୁ ବଢ଼ାଇ ଦେଉଛି । ଏ କ୍ଷେତ୍ରରେ ତୁରନ୍ତ କୌଣସି ଘରୋଇ ଚିକିତ୍ସା କରିବା ଅପେକ୍ଷା ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ । କୌଣସି ପ୍ରକାର ତୁଟୁକା ତୁଟୁକି ବା ଦେଶୀୟ ଚିକିତ୍ସାକୁ ପ୍ରାଥମିକତା ଦେବା ଅପେକ୍ଷା ସରକାରୀ ବ୍ୟବସ୍ଥିତ ସ୍ୱାସ୍ଥ୍ୟ ସେବାର ବିଶ୍ୱସନୀୟ ସୁଯୋଗ ନେବା ଅତ୍ୟନ୍ତ ଜରୁରୀ । ଥଣ୍ଡାରେ ବାହାରକୁ ବାହାରନ୍ତୁ ନାହିଁ, ବିଶୁଦ୍ଧ ଉଷୁମ ପାଣି ପିଅନ୍ତୁ, ବାହାର ଖାଦ୍ୟ ଓ ବର୍ତ୍ତମାନ ପାଇଁ ଆମିଷ ଖାଦ୍ୟ ନଖାଇବା ଭଲ । ଥଣ୍ଡା ଜାତୀୟ ଖାଦ୍ୟ, ଫାଷ୍ଟଫୁଡ ଓ ଆଇସକ୍ରିମ ଠାରୁ ଯେତେ ଦୂରେଇବ ତାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଖୁବ ଭଲ । ଏହି ଇନଫ୍ଲୁଏଞ୍ଜା ଜ୍ୱରର ବଡ଼ ଘାତକ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥାଏ । ତେଣୁ ପିଲାମାନଙ୍କୁ ସବୁବେଳେ ଉଷୁମ ପରିବେଶରେ ରଖନ୍ତୁ । ସକାଳୁ ଥଣ୍ଡା ଲାଗି ରହୁଥିଲେ ଘରର କବାଟ ଝରକା ଖୋଲା ରଖନ୍ତୁ ନାହିଁ । ଘର ଭିତର ଯେପରି ଧୂଳି ଠାରୁ ଦୂରେଇ ରହିବ ସେ ଦିଗକୁ ଦେଖନ୍ତୁ । ପିଲାମାନଙ୍କୁ ଗରମ ଖାଦ୍ୟ ଓ ଘରୋଇ ହାତ ତିଆରି ଖାଦ୍ୟ ହିଁ ଦିଅନ୍ତୁ । ଜ୍ୱର ଅଧିକ ଦିନ ଲାଗିରହୁଥିଲେ ପରୀକ୍ଷା କରାଇ ନିଅନ୍ତୁ । ନିଜର ବ୍ୟବହାର କରୁଥିବା ପୋଷାକ ପତ୍ରକୁ ଗରମ ପାଣିରେ ସଫା କରନ୍ତୁ ଏବଂ ଉପଯୁକ୍ତ ଡାକ୍ତରୀ ପରାମର୍ଶରେ ରହିଲେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ ।



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

*ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪*

# ଏକ ବ୍ରତଉପନୟନର ଅନୁଭୂତି



ଅନୀତା ପଟ୍ଟନାୟକ

ଅନେକ ଦିନ ପରେ ମୋର ସ୍କୁଲ ଦିନର ଏକ ବାନ୍ଧବୀ ସହିତ ଟ୍ରେନର ଏକ ପ୍ରଥମ ଶ୍ରେଣୀ ଡବାରେ ଦେଖାହେଲା । ସେ ବ୍ରାହ୍ମଣ ଘରର ଝିଅ ଦେଖିବାକୁ ଅପରୂପା ସୁନ୍ଦରୀ । ସାଥିରେ ସାତ ବର୍ଷର ପୁଅଟିଏ । ପିଲାଦିନେ ସେ ମୋ ସହିତ ବିଶେଷ ମିଶୁ ନଥିଲା କାରଣ ମୁଁ ଥିଲି ବାଉରୀ ଘରର ଝିଅ । ସମୟ ବଦଳିଲା । ସେ ଯେଉଁ ଜିଲ୍ଲାରେ ଡାକ୍ତରାଣୀ ଭାବରେ କାମ କରୁଥିଲା ମୁଁ ସେଠାରେ କଲେକ୍ଟର ଭାବରେ ଯୋଗ ଦେଇଥିଲି । ଟ୍ରେନରେ କିଛି ସମୟ କଥୋପକଥନ ପରେ ଆମେ ଦୁହେଁ ନିଜ ନିଜ ବାପଘରୁ କର୍ମ ସଂସ୍ଥାନରେ ଯୋଗ ଦେଇଥିବା ଜାଗାକୁ ଫେରୁଥିବାରୁ ସେ ବହୁତ ଖୁସି ହେଲା । ମୁଁ ତାକୁ କହିଲି ଗୁଣ ବିନା ରୂପ ବ୍ୟର୍ଥ । ସେ ତାର ଚିରାଚରିତ ବୁଦ୍ଧିରେ ମତେ ସେ ଦିନ କହିଥିଲା ଜାଣିଚୁ ନମ୍ରତା ବିନା ବିଦ୍ୟାବ୍ୟର୍ଥ । ଏମିତି କଥାରେ କଥାରେ କହିଥିଲି ଉପଯୋଗ ବିନା ଧନ ବ୍ୟର୍ଥ । ସେ ମତେ ତାର ଉତ୍ତରରେ କହିଥିଲା ସାହାସ ବିନା ଅସ୍ତ୍ରଶସ୍ତ୍ର ବ୍ୟର୍ଥ । ଏହି ସମୟରେ ଟ୍ରେନରେ କିଛି ଭୋଜନ ବିକ୍ରୟ କରୁଥିବା ଲୋକ ପହଞ୍ଚିଲା କିନ୍ତୁ ତାର ପୁଅକୁ କହିଲି କଣ ଖାଇବୁ ବୋଲି ମୁଁ ପଚାରିବାରୁ ସେ ମନା କରିଦେଲା । ମୁଁ କହିଲି ଭୋକ ବିନା ଭୋଜନ ବ୍ୟର୍ଥ । ସେ ତାର ଉତ୍ତରରେ କହିଥିଲା ପ୍ରେମ ବିନା ଭାଇ ବ୍ୟର୍ଥ । ଏହି ସମୟରେ ଆମେ ଦେଖିଲୁ ଗୋଟିଏ ଲୋକ ତାର ଗୋଡ଼ ଗୁଡ଼ିକ ସରୁ କିନ୍ତୁ ହାତରେ ଗୋଟିଏ କନା ଧରି ଟ୍ରେନ ଡବାର ଚଟାଣ ଗୁଡ଼ିକୁ ପୋଛୁଛି । ଆମ ଡବାଟିକୁ ମଧ୍ୟ ପରିଷ୍କାର କରିଦେଲା । ମୁଁ ଦଶ ଟଙ୍କିଆଟିଏ ଦେବାରୁ ସେ ଭଦ୍ରଲୋକଟିକୁ କୋଡିଏ ଟଙ୍କା ଦେଲା ଓ ମତେ କହିଲା ପରୋପକାର ବିନା ଜୀବନ ବ୍ୟର୍ଥ । ମୁଁ ତାକୁ କହିଲି ଭକ୍ତି ବିନା ଭକ୍ତ ବ୍ୟର୍ଥ ଓ ଆତ୍ମା ବିନା ଶରୀର ବ୍ୟର୍ଥ ।

ଆମେ ପିଲାଦିନର ଅନେକଥା ମନେ ପକାଇ ଆମର ଆତ୍ମୀୟତା ବଢ଼ାଇଲୁ । ସେ ମତେ ତାର ପୁଅର ବ୍ରତଘରକୁ ଆସିବା ପାଇଁ ଅନୁରୋଧ ରଖିଲା । ମତେ ସେ କହିଲା ତାର ସ୍ୱାମୀ ଜଣେ ହୋଟେଲ ବ୍ୟବସାୟୀ । ଭୁବନେଶ୍ୱରରେ ହୋଟେଲ ସ୍ୱସ୍ତିରେ ମୋର ପୁଅର ବ୍ରତଘର ହେବ । ତୁ ବ୍ରହ୍ମଚାରୀକୁ ଆଶୀର୍ବାଦ କରିବାକୁ ନିଶ୍ଚୟ ଆସିବୁ । ନୂଆବର୍ଷରେ ତାଙ୍କ ହୋଟେଲ ସ୍ୱସ୍ତିରେ ନବ ବର୍ଷ ପାଳନ ହୁଏ । ଅନେକ ପ୍ରକାର ଆମୋଦପ୍ରମୋଦ ବ୍ୟବସ୍ଥା କରାଯାଇଥାଏ । ମୁଁ କିନ୍ତୁ ନବ ବର୍ଷ ଆମୋଦ ପ୍ରମୋଦ, ଜନ୍ମଦିନ, ବିବାହ ବାର୍ଷିକୀ ଏ ସବୁରେ ବିଶେଷ ଉତ୍ସାହ ଦେଖାଇ ନଥାଏ କାରଣ ଏସବୁ ଆମ ଗରୀବ ପରିବାରରେ ନଥିଲା । ମୁଁ ତାକୁ କହିଲି ଜାଣିଚୁ ନିଦ୍ରା ଦୁଇ ପ୍ରକାର । ପ୍ରଥମଟି କ୍ଷୁଦ୍ର ନିଦ୍ରା ଓ ଦ୍ୱିତୀୟଟି ଚିରନିଦ୍ରା । କ୍ଷୁଦ୍ରନିଦ୍ରା ଭଙ୍ଗ ହେଲେ ମନୁଷ୍ୟ ଜାଣିପାରେ ଯେ ଜୀବନର ପ୍ରତିଟି ମୁହୂର୍ତ୍ତ ନୂତନ ଏବଂ ଗୋଟିଏ ମୁହୂର୍ତ୍ତ ଅନ୍ୟ ଠାରୁ ଭିନ୍ନ ନୁହେଁ ଓ ଡାକ୍ତରାଣୀଙ୍କୁ ଚିର ନିଦ୍ରା ବୁଝାଇବା ଦରକାର ନାହିଁ । ଏ ପୃଥିବୀରେ ହଜାର ହଜାର ବର୍ଷ ବିତିଗଲାଣି । ଲକ୍ଷ ଲକ୍ଷ ସମୟ ମଧ୍ୟ ବିତିଗଲାଣି । ତେଣୁ ମୁଁ ନବ ବର୍ଷରେ ବିଶ୍ୱାସ ନ ରଖୁଥିଲେ ମଧ୍ୟ ତୋର କଥା କିନ୍ତୁ ରଖିବି । ଟ୍ରେନରୁ ଓହ୍ଲାଇ ଯେ ଯାହାର ଗନ୍ତବ୍ୟ ପଥରେ ଚାଲିଗଲୁ । ନବ ବର୍ଷ ଦିନ ଓ ବ୍ରତ ଉପନୟନ ଦିନ ମୁଁ ମୋର ବାନ୍ଧବୀର କଥା ରଖି ହୋଟେଲ ସ୍ୱସ୍ତିକୁ ଯାଇଥିଲି । ମୋର ବ୍ରତ ଉପନୟନ ବିଷୟରେ ବିଶେଷ କିଛି ଜ୍ଞାନ ନଥିଲା । ତେଣୁ ସେଥିପାଇଁ ମୋର ବହୁତ କୌତୁହଳ ଥିଲା । ସକାଳ ଓଳି ଅନେକ କର୍ମ କରାଯାଇଥିଲା । ମୁଁ ପଚାରିବାରୁ ବ୍ରାହ୍ମଣ କହିଥିଲେ ନଅ କର୍ମ ମଧ୍ୟରୁ ଚାରିକର୍ମ ସରିଗଲାଣି । ଏସବୁ କର୍ମ ସଂସ୍କାର ପାଇଁ କରାଯାଏ । ଦେଖିଲି ବ୍ରତଘରେ କର୍ଣ୍ଣମନ୍ତ୍ର, କର୍ଣ୍ଣବେଦ, ବଳକଳ ପରିଧାନ, ପଳାଶଦଣ୍ଡ ଧାରଣ, କଠଉ ପରିଧାନ, ମୁକୁଟ ପରିଧାନ ପ୍ରଭୃତି କରାଗଲା । କୌତୁହଳବଶତଃ ବ୍ରାହ୍ମଣଙ୍କୁ ପଚାରିବାରୁ ସେ କହିଥିଲେ ବ୍ରହ୍ମ ଉପଦେଶ ହେଉଛି ଉପନୟନ । ଉପନୟନ ଅର୍ଥ ନିକଟକୁ ନେବା । ବାଳବ୍ରହ୍ମଚାରୀଙ୍କୁ ବ୍ରହ୍ମଙ୍କ ନିକଟକୁ ନେବା ହେଉଛି ଏହାର ଉଦ୍ଦେଶ୍ୟ ଏଠାରେ ବ୍ରହ୍ମ ଜିଜ୍ଞାସା କରାଯାଇ ବ୍ରହ୍ମଙ୍କ ନିକଟକୁ ଯିବାର ପଥକୁ ବତାଇ ନିଆଯାଏ । ସଂସ୍କାର ଦ୍ୱାରା କର୍ମରେ ପବିତ୍ରତା ଅଣାଯାଇଥାଏ । ସଂସ୍କାର ନୂତନ ଚରିତ୍ର ଗଠନ କରେ । ମନକୁ ପବିତ୍ର କରି ପୁର୍ନଗଠନ କରେ । ସେ ଦିନ ସେ ଦ୍ୱିଜ ହୁଏ (ଦୁଇଥର ଜନ୍ମ) ପ୍ରଥମେ ପିଲାଟି ଜନ୍ମ ହୋଇଥାଏ ସାଧକ ଭାବେ ପରେ ସେ ବ୍ରହ୍ମଚାରୀ ହୋଇ ବ୍ରହ୍ମ ମାର୍ଗରେ ଚାଲିଥାଏ । ତେଣୁ ଏହା ଏକ ଅତି ପବିତ୍ର ଦିନ । ତାର ହୃଦୟ ଭଗବାନଙ୍କୁ ପାଇବା ପାଇଁ ସେହିଦିନ ଠାରୁ ନୂତନ ମୋଡ଼ ନିଏ ଓ ଭଗବାନଙ୍କ ନିକଟରୁ ସେ ଯେପରି ଦୂରେଇ ନଯାଏ ସେଥିପାଇଁ ଚେଷ୍ଟିତ ହୁଏ । ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରାଯାଏ । ବ୍ରାହ୍ମଣ ଜଣକ ମଧ୍ୟ ମତେ ବୁଝାଇ କହିଲେ ଗାୟତ୍ରୀ ମନ୍ତ୍ର ମଧ୍ୟ ଏକ ଓଁ କାରର ଧ୍ୱନୀ ଯାହାକି ସଚରାଚର ଜଗତରେ ପ୍ରତିଧ୍ୱନିତ ହେଉଛି । ସେହି ଶବ୍ଦକୁ ଶୁଣିବାକୁ ହେଲେ ନିସ୍ତବ୍ଧତା ନିତ୍ୟାନ୍ତ ଆବଶ୍ୟକ । ଶବ୍ଦ ମଧ୍ୟରେ ନିସ୍ତବ୍ଧତା ଥାଏ । ନିସ୍ତବ୍ଧତା ମଧ୍ୟରେ ଶବ୍ଦ ଥାଏ । ଶବ୍ଦ ମଧ୍ୟରେ ଓଁକାରର ଧ୍ୱନିକୁ ଯୋଗୀ ଋଷିମାନେ ଶୁଣି ପାରନ୍ତି କିନ୍ତୁ ନିସ୍ତବ୍ଧତା ମଧ୍ୟରେ ଶବ୍ଦ ଶୁଣିବାକୁ ଆମର ସାଧନାର ଆବଶ୍ୟକତା ରହିଛି । ଆଖିପତା ଉଠୁଥିବା ପଡୁଥିବା ସମୟରେ ଶୀତ ଦିନେ ପତର ଉପରେ କାକର ପଡୁଥିବା ସମୟରେ ମଧ୍ୟ ଓଁକାରର ଧ୍ୱନି ପ୍ରତିଧ୍ୱନିତ ହୁଏ । ମୁଁ ପଚାରିଲି ମନ୍ତ୍ର ଶବ୍ଦର କଣ କିଛି ମୂଲ୍ୟ ଅଛି ? ସେ କହିଲେ ଯଦି ଶବ୍ଦର କୌଣସି ଅର୍ଥ ନାହିଁ ତେବେ ବିଷଧର ସର୍ପ ସଂଗୀତରେ ବିମୋହିତ ହେଉଛି କିପରି ? ପିଲାଟି ଦୋଳିରେ ଥାଇ କାନ୍ଦୁଥିବା ସମୟରେ ଶାନ୍ତ ହେଉଛି କିପରି ତେଣୁ ଗାୟତ୍ରୀ ମନ୍ତ୍ର ଅତ୍ୟନ୍ତ ଶକ୍ତିଶାଳୀ ଓ ପ୍ରଣବ ସ୍ୱରୂପ । ନିଶ୍ଚଳ ଆତ୍ମତତ୍ତ୍ୱକୁ ନିର୍ମଳତା ଓ ବିଶ୍ୱାସ ରଖିଲେ ପାଇହୁଏ । ଆମେ କୌଣସି ଜିନିଷ ପ୍ରାପ୍ତ ହେଲେ ଖୁସି ହେଉ କିମ୍ବା ନପାଇଲେ ଦୁଃଖିତ ହେଉ । ବିଶ୍ୱାସ ଏକ ଶକ୍ତି ନୁହେଁ ଯାହାଦ୍ୱାରା କି ଆମେ ଯେପରି ଚାହୁଁଛୁ ସେପରି ହେବ । ବିଶ୍ୱାସ ହେଉଛି ଏକ ସାହାସ ଯାହାଦ୍ୱାରା କି କୌଣସି କାର୍ଯ୍ୟକୁ ସମ୍ମୁଖିନ ହେବାରେ ସାହାଯ୍ୟ କରେ । ମୁଁ ତାଙ୍କୁ ପଚାରିଲି ଜଣେ ବ୍ରହ୍ମଚାରୀ କିପରି ଜୀବନ ବିତାଇବା ଦରକାର ? ସେ କହିଲେ ଜପଧ୍ୟାନ ତାର ଜଳଖିଆ, ପୂଜାର୍ଚ୍ଚନା ତାର ମଧ୍ୟାହ୍ନ ଭୋଜନ, ସଦଗ୍ରନ୍ଥ ପଠନ, ପାରାୟଣ, ସତଚିନ୍ତନ, ଲିଖିତଜପ, ଅପରାହ୍ନର ଚା ପାନର ସମୟ । ଆତ୍ମଶାନ୍ତି ଓ ସୁସ୍ଥ ଜୀବନ ପାଇଁ ଶୋଇବା ପୂର୍ବରୁ କ୍ଷୀର କପେ ଓ ଆତ୍ମ ଚିନ୍ତନ ନିତ୍ୟାନ୍ତ ଆବଶ୍ୟକ । ଦେଖିଲି ବ୍ରହ୍ମଚାରୀ ଶାନ୍ତଶିଷ୍ଟ ଭାବେ ବସିଛନ୍ତି । ଅତିଥିଗଣ ବିଭିନ୍ନ ପ୍ରକାର ଉପହାର ବ୍ରହ୍ମଚାରୀଙ୍କୁ ପ୍ରଦାନ କରୁଛନ୍ତି । ହୋଟେଲରେ ଧାଡ଼ି ଧାଡ଼ି ହୋଇ ଆମିଷ ନିରାମିଷ ଖାଦ୍ୟ ବଢ଼ାଯାଇଛି । ସୁନ୍ଦର ତରୁଣୀମାନେ ପରିଚାରିକା ଭାବେ କାମ କରୁଛନ୍ତି । ବାଉରୀ ଘରର ଝିଅଟିଏ ମୁଁ । ମୁଁ ଭାବିଲି ଏହା କଣ ବ୍ରହ୍ମଙ୍କ ପାଖକୁ ଯିବା ରାସ୍ତା ? ତେଣୁ ପିଲାଟିକୁ ଆଶୀର୍ବାଦ କରି ଘରକୁ ଫେରି ଆସିଲି ।

*ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ,*
*ଦୂରଭାଷ : ୯୬୯୨୯୮୦୦୨୬*

# ଜୀବନର କଥା



ନିରୁପମା ଭୂୟାଁ

ସୁଖ ଥିଲେ ଦୁଃଖ ଅଛି, ଆନନ୍ଦ, ଉପଲବ୍ଧି ଏବଂ ଈଶ୍ୱର ଚିନ୍ତନ ଏ ସବୁ ତ ଜୀବନର କଥା ଗାଥା ଆଉ ବ୍ୟଥା । କିନ୍ତୁ ବଡ଼ ଅଭାବନୀୟ ଦୁଃଖ ହେଉଛି ଆମ୍ଭ ମାନଙ୍କ ଗହଣରେ ଆମ ଲୋକମାନେ ଆମକୁ ହିଁ କ୍ଷତାକ୍ତ କରିବା । ଜୀବନରେ କେଉଁ ଯଶ ନେଇଯିବା ପାଇଁ ଆମେ ପ୍ରସ୍ତୁତ ହେଉଛେ କେବେ ଆମ ଅନ୍ତରାତ୍ମାକୁ ପଚାରିଛେ ? ଆମର ବ୍ୟକ୍ତିସ୍ୱଜନ, ଆତ୍ମୀୟ, ରକ୍ତଜ ଯେଉଁମାନେ ଆମର ସର୍ବସ୍ୱ ଖୁସି, ସୁଖ ଓ ଆନନ୍ଦକୁ ଚିନ୍ତା କରିବା କଥା କିନ୍ତୁ ସେମାନେ ଯେତେବେଳେ ଆନନ୍ଦର ଇନ୍ଦ୍ରଧନୁ ଭିତରେ କଳା ବାଦଲକୁ ପ୍ରବେଶ କରାନ୍ତି ଯେତେବେଳେ ଖୁସି ଭିତରେ ଦୁଃଖ ନୈରାଶ୍ୟର ଲୁଣପାଣିକୁ ମିଶାଇ ଦିଅନ୍ତି ସେମାନେ ଜାଣି ପାରନ୍ତି ନାହିଁ ଯେ ଜୀବନର ଏହି କଥାବ୍ୟଥା ଭିତରେ ଆମେ ସମସ୍ତେ ହିଁ ଏକାକାର । ବ୍ୟକ୍ତିନିଷ୍ଠ ଜୀବନ ଭିତରେ ଅନେକ ଆହ୍ୱାନକୁ ସାମ୍ନା କରିଛି । ସବୁଠି ଯେ ବିଜେତା ହୋଇଛି ତାହା ନୁହେଁ କିନ୍ତୁ ନୈରାଶ୍ୟର ମରିଚିକା ଭିତରେ ଆନନ୍ଦର ଉପଲବ୍ଧି ବଡ଼ ରାସ୍ତା ଦେଖାଇଛି ଆଲୋକବର୍ତ୍ତିକ ସଦୃଶ । କାହିଁକି କେଜାଣି ନିଜ ଲୋକମାନେ ଆମକୁ ହିଁ କ୍ଷତାକ୍ତ କରନ୍ତି ? ସ୍ୱାର୍ଥ, ଅବିଶ୍ୱାସର ଭାବନା ଚିରସ୍ଥାୟୀ ହୋଇପାରେନା । ଅମୃତ ଉପଲବ୍ଧି ଭିତରେ ତ୍ୟାଗ, ସମର୍ପଣ ତ ନିଶ୍ଚିନ୍ତ ଭାବେ ଜୀବନଚର୍ଯ୍ୟାର ବଡ଼ ଜୀବନାଦର୍ଶ । କିନ୍ତୁ ଏ ସବୁ ଭିତରେ ଆମ ମାନଙ୍କ ପାଇଁ ଆହ୍ୱାନ ହେଉଛି ଜୀବନକୁ ଆଗେଇ ନେବା ପାଇଁ ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ମାର୍ଗ ନିର୍ଦ୍ଦେଶିତ ମାନବୀୟ ମୂଲ୍ୟବୋଧର ଅନୁଚିନ୍ତନ । ଜୀବନ ଆଗେଇବ ଆମ୍ଭେମାନେ ବି ଆଗେଇବା କିନ୍ତୁ ଅବିଶ୍ୱାସ, ମିଥ୍ୟ, ପ୍ରଲୋଭନ, ଛଦ୍ମବେଶୀ ଆତ୍ମପ୍ରଚାର, ଅନ୍ୟ ପରିବାରର ଦୁଃଖ ସୃଷ୍ଟିକାରତା ଏହିପରି ଚରିତ୍ର କ'ଣ ପାଇଁ ଆଉ କେତେ ଦିନ ପାଇଁ ? ଭଗବାନ ସମସ୍ତଙ୍କୁ କଲ୍ୟାଣ କରନ୍ତୁ, ସମସ୍ତଙ୍କ ଭିତରେ ଅମୃତ ଚେତନା ରହିଛି, ସମସ୍ତେ ଅନ୍ୟ ପରିବାର ଭିତରେ ଝଡ଼ ସୃଷ୍ଟି କରିବା ପୂର୍ବରୁ ନିଜ ପରିବାରକୁ ଦେଖନ୍ତୁ, ନିଜ ବିବେକକୁ ଟିକେ ପଚାରନ୍ତୁ ଯେ ଆମ୍ଭେମାନେ ଅମୃତର ସନ୍ତାନ ତ ! ଆମ୍ଭେମାନେ ସାଇ ପରିବାରର ସଦସ୍ୟ ତ ! ତାହାହେଲେ ଜୀବନକୁ ନେଇ କାହିଁକି ମିଥ୍ୟାଚାର, କାହିଁକି ଛଳନାର ଛଦ୍ମବେଶୀ ଚାଦର ତଳେ ମମତାର ଭଲ ପାଇବା । ନିଜକୁ ଟିକେ ପଚାରନ୍ତୁ, ନିଜକୁ ବଦଳାନ୍ତୁ ଏହା ହିଁ ଆଜିର ସମୟ ପାଇଁ ଆମ ସମସ୍ତଙ୍କ ନିମିତ୍ତ ଏକ ଜୀବନାଦର୍ଶର ଆଲୋକବର୍ତ୍ତିକା ।

*ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଳାଇ ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୯୩୭୪୭୦୯୮୦*




## ଇଡ଼ି ପକ୍ଷରୁ ସାଂସଦ ରାହୁଲ ଗାନ୍ଧୀଙ୍କୁ ଜେରା କରିବା ଘଟଣାକୁ ଗଂଜାମ ଜିଲ୍ଲା କଂଗ୍ରେସ ସଂକଳ୍ପ ଶିବିରରେ ନିନ୍ଦା

ବ୍ରହ୍ମପୁର (ପିଏନ୍): ନ୍ୟାସନାଲ ହେରାଲଡ଼ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ଜାତୀୟ କଂଗ୍ରେସର ପୂର୍ବତନ ସଭାପତି ତଥା ସାଂସଦ ରାହୁଲ ଗାନ୍ଧୀଙ୍କୁ ଜେରା କରିଥିବା ଘଟଣା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସଂଗଠନ ପକ୍ଷରୁ କୁହାଯାଇ ଏହି ଘଟଣାର ତୀବ୍ର ନିନ୍ଦା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ଏବଂ ଆବଶ୍ୟକ ପଡ଼ିଲେ ଆଗାମୀ ଦିନରେ ଗଂଜାମର ସମସ୍ତ ବ୍ଲକ ସମ୍ମୁଖରେ ଧାରଣା ଦେବା ପାଇଁ ମଧ୍ୟ ସ୍ଥିରୀକୃତ ହୋଇଥିଲା। ଜାତୀୟ କଂଗ୍ରେସର ଆହ୍ୱାନ କ୍ରମେ ଜିଲ୍ଲା ସ୍ତରୀୟ ସଂକଳ୍ପ ଶିବିର ମଙ୍ଗଳବାର ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଉପସଭାପତି ମହେଶ୍ୱର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଗତ ପୌର ନିର୍ବାଚନରେ କଂଗ୍ରେସ ପକ୍ଷରୁ ମେୟର ପ୍ରାର୍ଥିନୀ ଭାବେ ପ୍ରତିଦ୍ୱନ୍ଦିତା କରିଥିବା ମଞ୍ଜୁ ରଥ, ମହିଳା ନେତ୍ରୀ ସୁବାସିନୀ ପଟ୍ଟନାୟକ, ଜିଲ୍ଲା ମହିଳା କଂଗ୍ରେସର ସଭାନେତ୍ରୀ ବନଜା ପଣ୍ଡା, ରଙ୍ଗେଇଲୁଣ୍ଡା ବ୍ଲକ ସଭାପତି ଡବ୍ଲ୍ୟୁ ବାଳକୃଷ୍ଣ, ସାଧାରଣ ସଂପାଦକ ଦଣ୍ଡପାଣି ପାତ୍ର, ତାଙ୍କର ଅଧିକାରୀ ପ୍ରମୁଖ ସଂକଳ୍ପ ଦିବସର ତାତ୍ପର୍ଯ୍ୟ ବୁଝାଇବା ସହ କଂଗ୍ରେସ ଦଳକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟତଃ ସାମାଜିକ ନ୍ୟାୟ, ଦଳିତ ସଂଖ୍ୟାଲଘୁଙ୍କ ସମସ୍ୟା ଦୂର କରିବା, ଆର୍ଥିକ ସମସ୍ୟା ଦୂରୀକରଣ, ଯୁବକ ଓ ଯୁବତୀମାନଙ୍କୁ ରୋଜଗାରକ୍ଷମ କରିବା, ପଞ୍ଚାୟତ ସ୍ତରରେ ଦଳକୁ ସୁଦୃଢ଼ କରିବା, କୃଷକର ବିକାଶ ପାଇଁ ସ୍ୱାମୀନାଥନ୍ କମିଟିର ସୁପାରିଶକୁ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରବି ରଥ, କିଶୋର କାପୁର, ପଦ୍ମଚରଣ ସାହୁ, ମୃତ୍ୟୁଞ୍ଜୟ ପ୍ରଧାନ, ନାଗଭୂଷଣ ରାଓ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଦେବସ୍ନାନ ପୂର୍ଣ୍ଣମୀ ଅବସରରେ ସ୍କାଉଟସ୍ ଗାଇଡସ୍ ତରଫରୁ ସେବା ଶିବିର



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ପ୍ରତିବର୍ଷ ଭଳି ଏ ବର୍ଷ ମଧ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ପବିତ୍ର ଦେବସ୍ନାନ ପୂର୍ଣ୍ଣମୀ ଅବସରରେ ପୁରୀ ଶ୍ରୀମନ୍ଦିରଠାରେ ସେବା କାର୍ଯ୍ୟ ଯୋଗାଇଦେଇଛନ୍ତି। ଓଡିଶାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ରୋଭର, ରେଞ୍ଜରମାନଙ୍କୁ ନେଇ ଏହି ସେବା ଶିବିର ଆୟୋଜନ କରାଯାଇଅଛି । ଖରା ଓ ଗରମ ଦାଉରୁ ଭକ୍ତମାନଙ୍କୁ ରକ୍ଷା କରିବା ପାଇଁ ରୋଭର ରେଞ୍ଜରମାନେ ମନ୍ଦିର ଭିତରେ ଲସି ସର୍ବତ ଦେବା ସଙ୍ଗେ ସଙ୍ଗେ ଥଣ୍ଡା ପାନୀୟଜଳ ବ୍ଟନ କରିବା, ଖରା ତାତିରୁ ରକ୍ଷା ପାଇବା ପାଇଁ ୪୦ ଗୋଟି ସ୍ପ୍ରେୟର ସାହାଯ୍ୟରେ ଭକ୍ତମାନଙ୍କ ଉପରେ ପାଣି ସିଞ୍ଚନ କରିଥିଲେ । ଏତଦ୍‌ବ୍ୟତୀତ ଆହତ ଏବଂ ଅସୁସ୍ଥ ଲୋକମାନଙ୍କୁ ଷ୍ଟ୍ରେଚର ମାଧ୍ୟମରେ ଆମ୍ବୁଲାନ୍ସ ପାଖରେ ପହଞ୍ଚାଇ ଡାକ୍ତରଖାନାକୁ ପଠାଇଥିଲେ। ଭକ୍ତମାନଙ୍କୁ ସୁବିଧାରେ ଦର୍ଶନ କରିବା ପାଇଁ ପୋଲିସ୍ ଏବଂ ଟ୍ରାଫିକ୍ ମାନଙ୍କ ସଙ୍ଗରେ ମିଶି ଲାଇନ୍ ମାଧ୍ୟମରେ ଲୋକମାନଙ୍କୁ ଭିତରକୁ ପ୍ରବେଶ କରାଉଥିଲେ, ମନ୍ଦିର ପରିସରରେ ଥିବା ଦୀପସ୍ଥାନ ଏବଂ ରାସ୍ତାରେ ପଡିଥିବା ଅଳିଆ ଆବର୍ଜନାକୁ ସଫା କରୁଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସୁବିଧା ହେବା ପାଇଁ ୧୦ ଗୋଟି ଓ୍ୱାକିଟକିର ବ୍ୟବହାର କରାଯାଇଥିଲା। ଶିବିରକୁ ପରିଚାଳନା କରିବା ପାଇଁ ରାଜ୍ୟ ମୁଖ୍ୟାଳୟରୁ ରାଜ୍ୟ ସମ୍ପାଦକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୋଗଦାନ କରିଥିଲେ ଏବଂ ପୁରୀ ଜିଲ୍ଲା ସ୍କାଉଟ ଗାଇଡ୍ ତରଫରୁ ମଧ ସହଯୋଗ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ ଭାବରେ ପରିଚାଳନା କରିବା ପାଇଁ ରାଜ୍ୟ ସଭାପତି ତଥା ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫକିର ମୋହନ ମେଡ଼ିକାଲ କଲେଜ ସ୍ୱାସ୍ଥ୍ୟବିକାଶ ସମିତିର ଚତୁର୍ଥ ବୈଠକ

ବାଲେଶ୍ୱର (ପିଏନ୍)-ଫକିର ମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲ ସ୍ୱାସ୍ଥ୍ୟ ବିକାଶ ସମିତିର ଚତୁର୍ଥ ବୈଠକ ମେଡ଼ିକାଲ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ଅଧ୍ୟକ୍ଷ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ କଲେଜ ଓ ହସ୍ପିଟାଲ ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ସଂପର୍କରେ ଆଲୋଚନା କରାଯାଇଥିଲା। କଲେଜକୁ ଲାଗି ପଶ୍ଚିମ ପାଖରେ ନିର୍ମାଣାଧିନ ୬୫୦ ଶଯ୍ୟା ବିଶିଷ୍ଟ ଡ଼ାକ୍ତରଖାନା କାମ ୨୦୨୩ ଜୁଲାଇ ସୁଦ୍ଧା ସାରିବା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାର ବିଭିନ୍ନ ଡ଼ାକ୍ତରଖାନାରେ ଡ଼ାକ୍ତର ରହୁ ନଥିବା ଏବଂ ଜିଲ୍ଲା ଡ଼ାକ୍ତରଖାନା କେବଳ ରେଫେରାଲ ସେଣ୍ଟର ହୋଇଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯିବାବେଳକୁ ତାକୁ ପ୍ରକୃତରେ କେଉଁ ବିଭାଗକୁ ପଠାଯିବ ସେ ନେଇ ଦ୍ୱନ୍ଦ୍ୱ ଉପୁଯିଥିବାରୁ ରୋଗୀ ଓ ବହୁ ସମ୍ପର୍କୀୟ ଅଜାଣତରେ ହଇରାଣ ହେଉଥିବାରୁ ସେଥିପ୍ରତି ଦୃଷ୍ଟିଦେବାକୁ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସ୍ୱରୂପକୁମାର ଦାସ, ଅଶ୍ୱିନ କୁମାର ପାତ୍ର, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲ୍ଲାପଳ କେ ସୁଦର୍ଶନ ଚକ୍ରବର୍ତ୍ତୀ , କଲେଜର ପ୍ରଶାସନିକ ଅଧିକାରୀ ମନୋରମା ଭୂଇଁଆ, ମୁଖ୍ୟ ଚିକିତ୍ସା ଅଧିକାରୀ ଦୁଲାଲ ସେନ୍ ଜଗଦେବ୍ ପ୍ରମୁଖ ଉପସ୍ଥିତ ଥିଲେ।

## ବିପୁଳ ପରିମାଣର ପୋଚ ଜବତ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କୁଂଜୁରୀ ପଂଚାୟତର ବରପଦା ଗ୍ରାମର ଜଙ୍ଗଲରେ ଦେଶୀ ମଦ ପ୍ରସ୍ତୁତ ହେଉଥିବାର ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଖବର ପାଇ ଚଢାଉ କରିଥିଲେ । ଏଥିରେ ଘଟଣା ସ୍ଥଳରୁ ୭୨ ଶହ ଲିଟର ପୋଚ ଓ ୩୪୦ ଲିଟର ଦେଶୀ ମଦ ସମେତ ବ୍ୟବହୃତ ସାମଗ୍ରୀ ଜବତ କରି ନଷ୍ଟ କରି ଦିଆ ଯାଇଥିବାର ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଇନିସପେକ୍ଟର ଭୈରବ ସାହୁଙ୍କ ଠାରୁ ସୂଚନା ମିଳିଛି । ଏହି ଚଢାଉରେ ଭ୍ରାମ୍ୟ ମାଣ ଇନିସପେକ୍ଟର ସସ୍ମିତା ହୋତା,ଖୋର୍ଦ୍ଧା ଓଆଇସି ବି ମନୋଜ କୁମାର,ଜଟଣୀ ଓଆଇସି ଗୀତାଞ୍ଜଳୀ ବେହେରା ଓ ବେଗୁନିଆ ଓଆଇସି ବିରଂଚି ନାରାୟଣ ମହାଁଙ୍କ ସମେତ କର୍ମଚାରୀ ମାନେ ଚଢାଉରେ ସାମିଲ ହୋଇଥିଲେ ।

## ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ରଜଉତ୍ସବ

ଖୋର୍ଦ୍ଧା (ପିଏନ୍): ପହିଲି ରଜ ଅବସରରେ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ଶ୍ରୀ ରାମନଗର ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ କବିତା ପାଠୋତ୍ସବ ତଥା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ପୌରପାଳିକାର ଉପାଧ୍ୟକ୍ଷ ସୌର୍ଯ୍ୟରଂଜନ ମହାନ୍ତି, ଉତ୍କଳ ସମ୍ମିଳନୀର ରାଜ୍ୟ ସଂପାଦକ ବିଚିତ୍ର କୁମାର ବଡ଼ଜେନା, ଶିକ୍ଷାବିତ୍ ଦୟାନିଧି ସାହୁ, ପ୍ରାବନ୍ଧିକା ବିଳାସିନୀ ଦାଶ, ଡ. ଚପଳା ପଣ୍ଡା ଓ ଆଡଭୋକେଟ ବ୍ରଜ କିଶୋର ସାହୁ ଯୋଗ ଦେଇଥିଲେ। ନିକଟରେ ଓଡ଼ିଶା ସରକାରଙ୍କ ଧର୍ମପଦ ପୁରସ୍କାର ତଥା ଦ୍ୱାରା ପାଂଚଲକ୍ଷ ଟଙ୍କାର ଅର୍ଥ ରାଶି ପାଇଥିବା ଜାତୀୟସ୍ତରୀୟ ଚିତ୍ରଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକଙ୍କୁ ସଂସଦ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତର ଦେଇ ଲଲାଟ ମୋହନ ପଟ୍ଟନାୟକ କହିଥିଲେ ଯେ, ତାଙ୍କ ନିଜ ଗ୍ରାମ ବଉଳାବନ୍ଧ ନିକଟ ହରିପୁର ହୋଇଥିବାରୁ ତାଙ୍କୁ ବଉଳାବନ୍ଧର ବିଶିଷ୍ଟ କଳାକାର ତ୍ରିନାଥ ଚରଣ ସାହୁଙ୍କ ନାମରେ ନାମିତ ଅନୁଷ୍ଠାନ ସମ୍ବର୍ଦ୍ଧିତ କରିବା ଖୁସିର ବିଷୟ। ସଭାପତି ଐତିହାସିକ ସତ୍ୟବାଦୀ ବଳିଆରସିଂହ ନିଜ ଅନୁଭୂତିରୁ ଉଦାହରଣ ଦେଇ କହିଥିଲେ ଯେ, ଲଲାଟ ବାବୁ ତାଙ୍କ ରଚିତ 'ଅନାଇ ରହିଛି ଗଡ଼ ଗଡ଼ଖାଇ' ପୁସ୍ତକର ସୁନ୍ଦର ପ୍ରଚ୍ଛଦ ବିନା ମୂଲ୍ୟରେ ଆଙ୍କିଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡ. ବୃନ୍ଦାବନ ପଣ୍ଡା, ଦିଲ୍ଲୀପ କୁମାର କର, ଜ୍ୟୋତି ରଂଜନ ସାହୁ, ନାରାୟଣ ଦାସ, ଅଂଶୁମାନ ବଡ଼ଜେନା, ରଶ୍ମୀରେଖା ମହାପାତ୍ର, ସନ୍ତୋଷ ରଂଜନ ରାଉତ, ଶଶୀ ଭୂଷଣ ମହାନ୍ତି, ସୁମନ୍ତ ସୂର୍ଯ୍ୟରାୟ, ତୃପ୍ତିମୟୀ ନନ୍ଦ, ଉର୍ମିଳା ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଂସଦ ଉପଦେଷ୍ଟା କବି ଗୋବିନ୍ଦ ଚନ୍ଦ୍ର ମହାରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂପାଦିକା ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ରଜ କବିତା ପାଠୋତ୍ସବ କାର୍ଯ୍ୟକ୍ରମକୁ କବୟିତ୍ରୀ ଜ୍ୟୋତିପ୍ରଭା ପଟ୍ଟନାୟକ, ଆଶାଲତା ବଳିଆରସିଂହ, ସ୍ୱପ୍ନା ପଟ୍ଟନାୟକ, ବିଜୟଲକ୍ଷ୍ମୀ ପାଇକରାୟ ଓ ରଶ୍ମିତା ନାୟକ ସଂଯୋଜନା କରିଥିଲେ। ସର୍ବଶ୍ରୀ ପରେଶ ଚନ୍ଦ୍ର ମଲ୍ଲିକ, ଲକ୍ଷ୍ମୀଧର ସାହୁ ଓ ଜ୍ୟୋତିରଂଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳା କୃଷି ଉତ୍ପାଦକ ସଂଘ ଗଠନ ପାଇଁ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା (ପିଏନ)-ଖୋର୍ଦ୍ଧା ସଦର ମହକୁମାର ନୟାଗଡ ରୋଡସ୍ଥିତ ଶ୍ରୀ ଚନ୍ଦ୍ରଶେଖର ଦେବ ମନ୍ଦିର ପ୍ରାଙ୍ଗଣରେ ଭାରତୀୟ କିଷାନ ସଂଘ ପକ୍ଷରୁ ମହିଳା କୃଷି ଉତ୍ପାଦକ ସଂଘ ଗଠନ କରାଯାଇଛି । ଏ ନେଇ ସଭାରେ ଭାରତୀୟ କିଷାନ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ସ୍ୱାଇଁ,ରାଜ୍ୟ ସମ୍ପାଦକ ଗଗନ ବିହାରୀ ପ୍ରତିହାରୀ,ପୁରୀ ଜିଲ୍ଲା ସଂଯୋଜକ ମଧୁ ସୂଦନ ଦାଶ,ବୈକୁଣ୍ଠ ନାଥ ମହାପାତ୍ର,ମିହିର ବିଧାର,ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଅକ୍ଷୟ କୁମାର ଦାଶ,ଗ୍ରାଣ୍ଡ ଥ୍ରୋଟନର ରାଜ୍ୟ ମୁଖ୍ୟ ସ୍ୱରୂପ ନାୟକ ଓ ଜିଲ୍ଲା ସଂଯୋଜକ ନିଲୁ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି କୃଷି ସାମଗ୍ରୀର ଉତ୍ପାଦନ ମୂଲ୍ୟ କ୍ରୟ କରିବାର ସଠିକ ପଦ୍ଧତି ଉପରେ ଆଲୋଚନା କରିବା ସହ ମହିଳା କୃଷି ଉତ୍ପାଦକ ସଂଘ ଗଠନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଏଥିରେ ଖୋର୍ଦ୍ଧା ଜିଲ୍ଲାର ୫ଟି ବ୍ଲକ ଯଥା ଖୋର୍ଦ୍ଧା,ଜଟଣୀ,ଟାଙ୍ଗୀ,ବେଗୁନିଆ ଓ ବୋଲଗଡର ମହିଳା ଗୋଷ୍ଠୀର ପ୍ରତିନିଧି ଯୋଗ ଦେଇଥିବା ବେଳେ ଶୁଭାଗିଂ ପାଲଟାସିଂହ,ସୁବାସିନୀ ତାଡ,ସରୋଜିନୀ ସାହୁ,ସଙ୍ଗୀତା ପଟ୍ଟନାୟକ, ସରସ୍ୱତୀ ସାହୁ ଓ ସୁବାସିନୀ ପାଲଟାସିଂହ ପ୍ରମୁଖ ନିଜର ମତ ରଖିଥିଲେ ।

## ଦିଲ୍ଲୀ ପୁଲିସର ଦମନଲୀଳାକୁ କଂଗ୍ରେସର ଦୃଢ଼ ନିନ୍ଦା ଓ ବିକ୍ଷୋଭ ନିଷ୍ପତି

ଭୁବନେଶ୍ୱର (ପିଏନ୍): କେନ୍ଦ୍ରର ମୋଦୀ ସରକାରଙ୍କର ଏକଛତ୍ରବାଦ ନୀତି ଓ ପୁଲିସ୍‌ର ଦମନଲୀଳା ବିରୁଦ୍ଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଏକ ସମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦୃଢ଼ ନିନ୍ଦା କରିଛି। ଏହା ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ପରିପନ୍ଥି ବୋଲି ପ୍ରଦେଶ କଂଗ୍ରେସର ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ କହିଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ସେ କହିଲେ ଯେ ଯେଉଁଭଳି ଭାବରେ ୨୪ ଆକବର ରୋଡ଼, ଦିଲ୍ଲୀ ସ୍ଥିତ ଅଖିଳ ଭାରତୀୟ କଂଗ୍ରେସ କାର୍ଯ୍ୟାଳୟ ଭିତରେ ପ୍ରବେଶ କରି ଏବଂ ଭାରତୀୟ ଜାତୀୟ କଂଗ୍ରେସର ବିଭିନ୍ନ କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କୁ କାର୍ଯ୍ୟାଳୟ ଭିତରକୁ ନ ଛାଡ଼ିବା ଏହା ସ୍ୱାଧୀନ ଭାରତ ବର୍ଷରେ କେବେ ଦେଖାଯାଇନଥିଲା। କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ୧୪୪ ଧାରା ଜାରି କରି ଦିଲ୍ଲୀ ପୁଲିସ୍,କର୍ମକର୍ତାମାନଙ୍କୁ କାର୍ଯ୍ୟାଳୟ ପରିସର ମଧକୁ ପ୍ରବେଶ କରିବାକୁ ଦେଲା ନାହିଁ ଏବଂ ଯେଉଁମାନେ ପ୍ରତିବାଦ କଲେ ସେମାନଙ୍କ ଉପରେ ଲାଠିମାଡ଼ କଲା। କାହା ନିର୍ଦ୍ଦେଶରେ ଏଭଳି କାମ କରୁଛି ବୋଲି ପି.ସି.ସି. ସଭାପତି ପ୍ରଶ୍ନ କରିଛନ୍ତି। ଜାତୀୟ କଂଗ୍ରେସର ଅଧ୍ୟକ୍ଷ ଏବଂ ବର୍ତ୍ତମାନ ସାଂସଦ ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କୁ ଲଗାତାର ୩ ଦିନ ଧରି ଇ.ଡ଼ି. ପଚରା ଉଚରା ପାଇଁ ଡାକୁଛନ୍ତି, ଯେଉଁଥିରେ ମନି ଲଣ୍ଡରିଙ୍ଗ ହୋଇଥିବାର ସାମାନ୍ୟତମ ଯଥାର୍ଥତା ନାହିଁ। କଂଗ୍ରେସ ଓ ଗାନ୍ଧୀ ପରିବାରକୁ ଜନମାନସରେ ନିନ୍ଦିତ କରିବା ପାଇଁ ଏକଛତ୍ରବାଦୀ ନରେନ୍ଦ୍ର ମୋଦୀଙ୍କ ବି.ଜେ.ପି ସରକାର ସି.ବି.ଆଇ., ଆଇ.ଟି. ଓ ଇ.ଡ଼ି. ଆଦି ସଂସ୍ଥାକୁ ହାତବାରିଶ୍ କରି ବିରୋଧି ବିଶେଷ କରି କଂଗ୍ରେସର ନେତାମାନଙ୍କୁ ଶିକାର କରୁଛନ୍ତି। କଂଗ୍ରେସ ଏହାର ଦୃଢ଼ ନିନ୍ଦା କରୁଛି। ଦିଲ୍ଲୀ ପୁଲିସ୍‌ର ଏହି ବର୍ବରତା ପ୍ରତିବାଦରେ ୧୬ ତାରିଖ (ଗୁରୁବାର) ପି.ସି.ସି. ତରଫରୁ ରାଜଭବନ ସମ୍ମୁଖରେ ଓ ଜୁଲାଇ ୧୭ ତାରିଖରେ ସମସ୍ତ ଜିଲ୍ଲା କଂଗ୍ରେସ ତରଫରୁ ଜିଲ୍ଲା ସଦର ମହକୁମାରେ ଥିବା କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯିବାର ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରଦେଶ କଂଗ୍ରେସର ଏହି ବିକ୍ଷୋଭ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସହଯୋଗ କରିବାକୁ ଶ୍ରୀ ପଟ୍ଟନାୟକ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। କଂଗ୍ରେସ ବିଧାୟକ ଦଳର ନେତା ଶ୍ରୀଯୁକ୍ତ ନରସିଂହ ମିଶ୍ର ଗଣମାଧ୍ୟମକୁ ସମ୍ବୋଧିତ କରି କହିଲେ ଯେ ଦେଶର ଦୁର୍ଭାଗ୍ୟ ଯେଉଁ ଦଳ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ କରୁଥିଲେ, ନାଥୁରାମ ଗଡ୍‌ସେଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ଓ ଦୀର୍ଘ ୫୨ ବର୍ଷ ଧରି ଜାତୀୟ ପତାକା ନଉଡ଼ାଇ କଳାପତାକା ଉଡ଼ାଉଥିଲେ ସେମାନେ ଏବେ ଦେଶର ଶାସନକର୍ତା ହୋଇଛନ୍ତି। ବର୍ତମାନର ପ୍ରଧାନମନ୍ତ୍ରୀ କଂଗ୍ରେସ ମୁକ୍ତ ଭାରତ ବର୍ଷର ସ୍ୱପ୍ନ ଦେଖିଥିଲେ, ତାହା କାର୍ଯ୍ୟକାରୀ କରିବା ପାଇଁ ଯେପରି ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ପନ୍ଥା ଅନୁସରଣ କରୁଛନ୍ତି ତାହା ତାଙ୍କ ସରକାରର ଅକାଳ ପତନକୁ ଡାକିଆଣିବ ବୋଲି ଚେତାବନୀ ଦେଇଛନ୍ତି। ଶ୍ରୀ ମିଶ୍ର ଦୃଢ଼ୋକ୍ତି କରି କହିଛନ୍ତି ଯେ, କଂଗ୍ରେସ ଭାରତର ଅତୀତ, ବର୍ତମାନ ଓ ଭବିଷ୍ୟତ। ଏହି ସାମ୍ବାଦିକ ସମ୍ମିଳନୀକୁ ପୂର୍ବତନ ମନ୍ତ୍ରୀ ତଥା ପି.ସି.ସି ଗଣମାଧ୍ୟମ ଅଧ୍ୟକ୍ଷ ଶ୍ରୀଯୁକ୍ତ ଗଣେଶ୍ୱର ବେହେରା ପୌରହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପି.ସି.ସି. ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ, ବିଧାୟକ ସୁରେଶ କୁମାର ରାଉତରାୟ, ବିଧାୟକ ଦାଶରଥି ଗମାଙ୍ଗୋ, ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନ୍‌ଗୋ, ଯୁଧିଷ୍ଠିର ଜେନା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ଶୁଭେନ୍ଦୁ ମହାନ୍ତି, ସୁରେଶ ମହାପାତ୍ର, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ, ପୂର୍ବତନ ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥି, ଯୁବ କଂଗ୍ରେସ ସଭାପତି ସ୍ମୃତିରଂଜନ ଲେଙ୍କା, ଛାତ୍ର କଂଗ୍ରେସ ସଭାପତି ୟାସିର୍ ନୱାଜ, ମୁଖପାତ୍ର ରଜନୀ କୁମାର ମହାନ୍ତି, ନିଶିକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ପିସିସି ଗଣମାଧ୍ୟମ ବିଭାଗର ଆବାହକ ଶ୍ରୀ ସତ୍ୟପ୍ରକାଶ ନାୟକ ଉପସ୍ଥିତ ସମସ୍ତ ଗଣମାଧ୍ୟମର ପ୍ରତିନିଧି ଓ କଂଗ୍ରେସର ନେତୃବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ପ୍ରକାଶ କରିଛନ୍ତି।

## କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ନାକ ମାନ୍ୟତା ପାଇଁ ପ୍ରସ୍ତୁତି ଆରମ୍ଭ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ନାକ୍(ନ୍ୟାସନାଲ ଆସେସମେଣ୍ଟ ଓ ଆକ୍ରିଡିଟେସନ କାଉନସିଲ) ମାନ୍ୟତା ପାଇଁ ଯୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏ ନେଇ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଦେଇଥିବା ସୂଚନା ମିଳିଛି। ନାକ୍ ମାନ୍ୟତା ପାଇବା ପାଇଁ ହେଲେ ମହାବିଦ୍ୟାଳୟକୁ ମୁଖ୍ୟତଃ ଓ୍ୱାଇ ଫାଇ କ୍ୟାମ୍ପସରେ ପରିଣତ କରିବାକୁ ପଡିବ। ଏଥିସହିତ ସ୍ମାର୍ଟ କ୍ଲାସରୁମ କରିବାକୁ ପଡିବ, ଜିଓ ଟ୍ୟାଗ ଥିବା ସମ୍ମିଳନୀ କକ୍ଷ ପ୍ରସ୍ତୁତ କରିବାକୁ ପଡିବ, କମ୍ପ୍ୟୁଟର ସେଲ କରିବାକୁ ପଡିବ, ବାୟୋ ଗ୍ୟାସ ପ୍ଲାଣ୍ଟ କରିବାକୁ ପଡିବ, ଲାବୋରୋଟୋରୀକୁ ଉନ୍ନତ ମାନର କରିବା ସହିତ ଗବେଷଣା କାର୍ଯ୍ୟକ୍ରମକୁ ବୃଦ୍ଧି କରିବାକୁ ପଡିବ ବୋଲି କଲେଜ ଅଧ୍ୟକ୍ଷ ପ୍ରଫେସର ବେହେରା କହିଛନ୍ତି। ସେହିପରି ବର୍ଷା ଜଳ ଅମଳ ବ୍ୟବସ୍ଥା କରିବାକୁ ପଡିବ, ସୌର ପ୍ଲାଣ୍ଟ କରିବାକୁ ପଡିବ, ମହାବିଦ୍ୟାଳୟରେ ବ୍ୟାଟେରୀ ଚାଳିତ ତିନିଚକିଆ ଗାଡି ଚାଲିବା ନେଇ ସେହିଭଳି କ୍ୟାମ୍ପସ କରିବାକୁ କରାଯାଇପାରିଲେ ମହାବିଦ୍ୟାଳୟକୁ ନାକ୍ ମାନ୍ୟତା ମିଳିପାରିବ ବୋଲି ଅଧ୍ୟକ୍ଷ ଶ୍ରୀ ବେହେରା କହିଥିଲେ। ଶ୍ରୀ ବେହେରା କହିଛନ୍ତି ଯେ ଏବେ ମହାବିଦ୍ୟାଳୟରେ ଶିକ୍ଷାଦାନ ଉପରେ ମୁଁ ବିଶେଷ ଭାବେ ଧ୍ୟାନ ଦେଇଛି। ପ୍ରଫେସର ବେହେରା ଗତ ୧୫ ଦିନ ହେବ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଯୋଗ ଦେଇଛି। ଏହି ୧୫ ଦିନ ମଧ୍ୟରେ ସବୁ କ୍ଲାସ ଯେପରି ହୋଇପାରିବ ତାହା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ନିଜେ ମଧ୍ୟ ସେ କ୍ଲାସ ନେଉଛନ୍ତି। ଏଥିସହ ଅନ୍ୟ କ୍ଲାସ ହେଉଛି କି ନାହିଁ ସେ ନେଇ ପ୍ରତି ପିରିୟଡରେ ସେ ବୁଲି ଦେଖୁଛନ୍ତି। ଅନୁରୂପ ଭାବେ ମହାବିଦ୍ୟାଳୟକୁ କିପରି ନାକ ମାନ୍ୟତା ମିଳିବ ସେ ନେଇ ପ୍ରସ୍ତୁତି ମଧ୍ୟ ଯୋରଦାର ଚାଲିଛି। ସୂଚନା ଯୋଗ୍ୟ ଯେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ସମଗ୍ର ରାଜ୍ୟରେ ଏକ ବୃହତ ବେସରକାରୀ ମହାବିଦ୍ୟାଳୟ। ଏହି ମହାବିଦ୍ୟାଳୟରୁ ପାଠ ପଢି ବହୁ ଛାତ୍ରଛାତ୍ରୀ ଦେଶ ବିଦେଶରେ ସୁନାମ ଆଣିଦେଇଛନ୍ତି। ତେଣୁ କେବଳ ରାଜ୍ୟ ସ୍ତରରେ ନୁହେଁ ଜାତୀୟ ସ୍ତରରେ ମଧ୍ୟ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ସୁନାମ ରହିଛି। ଏହି ମହାବିଦ୍ୟଳୟରେ ପିଜି ପାଠ୍ୟକ୍ରମ ରହିଛି। ନାକ୍ ଟିମ ୨୦୨୧ ଡିସେମ୍ବରରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ଗସ୍ତରେ ଆସିଥିଲେ। ସେମାନେ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ ଅନ୍ୟାନ୍ୟ ଭିତ୍ତିଭୂମି ଦେଖି ଫେରିଛନ୍ତି। ଏଥିସହ କ୍ୟାମ୍ପସକୁ କିଭଳି ଭାବେ ଉନ୍ନତ କରାଯାଇ ପାରିବ ତାହାର ଏକ ରୋଡମ୍ୟାପ ପ୍ରଦାନ କରିଛନ୍ତି। ଏହି ରୋଡମ୍ୟାପ ଅନୁଯାୟୀ ଆମେ ମହାବିଦ୍ୟାଳୟକୁ ଉନ୍ନତ କରିବା ପାଇଁ ଯୋଜନା କରିଛୁ। ଖୁବଶୀଘ୍ର ଏହି ସବୁ ଭିତ୍ତିଭୂମିର ବିକାଶ କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ବେହେରା କହିଛନ୍ତି।

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ସିଭିଲ କୋର୍ଟ ପରିସରରେ ଏକ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ସମର ବିଳାସ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟିର ସମ୍ପାଦକ ବସନ୍ତ ଶତପଥି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତ ଜଜ ସୂର୍ଯ୍ୟ ପ୍ରକାଶ କର, ଦ୍ୱିତୀୟ ଅତିରିକ୍ତ ଜଜ ନରେଶ ମହାନ୍ତି, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ହରପ୍ରସାଦ ପାଢୀ, ବରିଷ୍ଠ ଦେୱାନୀ ବିଚାରପତି ସୁନିତା କୁମାରୀ ଖଣ୍ଡେଲୱାଲ, ଚିନ୍ମୟୀ ରଥ (ମହିଳା କୋର୍ଟ), ଏସଡି ଜେଏମ ସୌଦାମିନୀ ସିଂହ, କନିଷ୍ଠ ଦେୱାନୀ ବିଚାରପତି ଜଗଦୀଶ ଚନ୍ଦ୍ର ଜେନା, ଜେଏମଏଫସି ସ୍ନାତକୀ ଦାସ, ସ୍ପେସିଆଲ ଜୁଡିସିଆଲ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢୀ, ଜିଲ୍ଲା ଆଇନଜୀବୀ ସଂଘର ସଭାପତି ବିଜୟ କୁମାର ସାମନ୍ତସିଂହାର, ସମ୍ପାଦକ ପ୍ରଦୀପ ମିଶ୍ର, ବାର ଆସୋସିଏସନର ବରିଷ୍ଠ ଓ କନିଷ୍ଠ ଆଇନଜୀବୀ, ଜାତୀୟକରଣ ବ୍ୟାଙ୍କର ପରିଚାଳକ ଓ କର୍ମଚାରୀ ଏବଂ ଖୋର୍ଦ୍ଧା ସିଭିଲ କୋର୍ଟର କର୍ମଚାରୀ ଯୋଗ ଦେଇଥିଲେ। ।ଦାଲତରେ ୬୨୪ ଗୋଟି ମାମଲା ପକାଇଯାଇ ୨୫୧ ଗୋଟି ଫଇସଲା ହୋଇଥିଲା ବେଳେ ୯୭ ଲକ୍ଷ ୩୭ ହଜାର ଟଙ୍କା ଆଦାୟ କରାଯାଇଥିଲା।

## ତାପଜ କୋଇଲା ରେକ ଖଲାସରେ ପାରାଦୀପ ବନ୍ଦରର ରେକର୍ଡ

ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ଗୋଟିଏ ଦିନରେ ୪୦ଟି ତାପଜ କୋଇଲା ବୋଝେଇ ରେଳ ରେକ ଖଲାସ କରି ରେକର୍ଡ ସୃଷ୍ଟି କରିଛି । ରବିବାର ଦିନ ୪୦ଟି ରେକରୁ ୩୦ଟି ବିଓବିଆରଏନ୍ ତାପଜ କୋଇଲା ରେକ ଏମସିଏଚପି ବର୍ଥରେ ଖାଲି ହୋଇଥିବା ବେଳେ ଜେଏସଡବ୍ଲ୍ୟୁ ଟର୍ମିନାଲରେ ୯ଟି ରେକ ଓ ଗୋଟିଏ ବିଓଏକ୍ସଏନ୍ ରେକ ମାନୁଆଲି ଖଲାସ ହୋଇଥିଲା । ତେବେ ବନ୍ଦରରେ ରେକର୍ଡ ତାପଜ କୋଇଲା ଖଲାସ ନିମନ୍ତେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରନାଦ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଇସିଆର୍ ଓ ଏମ୍‌ସିଏଲ ସଂସ୍ଥାକୁ ଧନ୍ୟବାଦ ଜଣାଇଛନ୍ତି। ସୂଚନା ଥାଉକି, ଦେଶରେ ତାପଜ କୋଇଲା ଅଭାବ ଓ ଏତଦ୍‌ଜନିତ ବିଦ୍ୟୁତ ଶକ୍ତି ଯୋଗାଣରେ ବିଭ୍ରାଟକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦରରେ ତାପଜ କୋଇଲା ପରିବହନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ନିକଟରେ କେନ୍ଦ୍ର ଶକ୍ତି ସଚିବ ଓ ଅତିରିକ୍ତ ସଚିବ ପାରାଦାପ ଗସ୍ତ କରି ଫେରିଛନ୍ତି।

## କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ଯୋଗଦେଲେ ୫ ଅଧ୍ୟାପକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧ୍ୟାପକ ସଙ୍କଟ ଲାଗି ରହିଥିବା ବେଳେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଓ ନବନିଯୁକ୍ତ ଅଧ୍ୟକ୍ଷ ଗୋପାଳଚନ୍ଦ୍ର ବେହେରାଙ୍କ ଉଦ୍ୟମକ୍ରମେ ୫ ଜଣ ଅଧ୍ୟାପକ ମହାବିଦ୍ୟାଳୟରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ବାଣିଜ୍ୟ ବିଭାଗରେ ଦୁଇଜଣ ବିକାଶ କୁମାର ନାୟକ ଓ ମନୋଜ ପ୍ରଧାନ, ଦର୍ଶନ ଶାସ୍ତ୍ରରେ ସତ୍ୟରଞ୍ଜନ ମିଶ୍ର, ପରିସଂଖ୍ୟାନ ବିଭାଗର ଡଃ. ଭବାନୀ ଶଙ୍କର ମହାନ୍ତି, ଉଦ୍ଭିଦ ବିଜ୍ଞାନ ବିଭାଗରେ ସଂଯୁକ୍ତା ପାତ୍ର ପ୍ରମୁଖ ଯୋଗ ଦେଇଛନ୍ତି। ଏହି ଅଧ୍ୟାପକମାନେ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ କାର୍ଯ୍ୟରେ ଯୋଗଦେଇଛନ୍ତି। ପୂର୍ବରୁ ମହାବିଦ୍ୟାଳୟରେ ଅଧ୍ୟାପକ ସଙ୍କଟ ଲାଗିରହିଥିବା ବେଳେ ୫ ଜଣ ଅଧ୍ୟାପକଙ୍କ ଯୋଗଦାନ ଛାତ୍ରଛାତ୍ରୀଙ୍କ ମହଲରେ ଖୁସିର ଲହରୀ ଖେଳାଇ ଦେଇଛି। ଆସନ୍ତା କିଛିଦିନ ମଧ୍ୟରେ ଆଉ କେତେକ ଅଧ୍ୟାପକ ଏଠାରେ ଯୋଗଦେବାର ସମ୍ଭାବନା ରହିଥିବା ସୂଚନା ମିଳିଛି।

## ବିଜେଡି ବ୍ଲକ ସଭାପତିଙ୍କ ମାତୃବିୟୋଗ

କେନ୍ଦ୍ରାପଡ଼ା (ପିଏନ୍): କନ୍ଦ୍ରୋପଡା ବ୍ଲକ ବିଜେଡି ସଭାପତି ଆଲୋକ ସାହୁଙ୍କ ମାତାଙ୍କ ବିୟୋଗ ହୋଇଯାଇଛି । ତାଙ୍କ ମା ପୂର୍ଣ୍ଣଲତା ସାହୁଙ୍କର ୯୦ବର୍ଷ ବୟସରେ ବାର୍ଦ୍ଧକ୍ୟଜନିତ ରୋଗରେ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତା ସାହୁ ଜଣେ ମିଷ୍ଟଭାଷି, ଧର୍ମ ପରାୟଣା ମହିଳା ଥିଲେ । ଏ ସମ୍ପର୍କରେ ଖବର ପାଇ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଜିଲ୍ଲା ପରିଷଦ ସଭ୍ୟା ଲିଲିତା ଦାସ ଓ ରଶ୍ମୀରଞ୍ଜନ ରାଉତ, ବିଜେଡି ଯୁବନେତା ରାଜେଶ ପଣ୍ଡା, ଦୁଷ୍ମନ୍ତ ମଲିକ, ମହନ୍ଦ୍ରେ ମିଶ୍ର, ଅସିତବନ୍ଧୁ ଧଳ, ସମାଜସେବୀ ପ୍ରତାପ ଚନ୍ଦ୍ର ଦାସ, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ପ୍ରମୁଖ ତାଙ୍କ ଇନ୍ଦୁପୁରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ନିରଞ୍ଜନ ସାହୁ ମୁଖାଗ୍ନି ଦେଇଥିଲେ।

## 'ଶାନ୍ତି ପଥ'ର ଚତୁର୍ଥ ବାର୍ଷିକ ଉତ୍ସବ

ଭୁବନେଶ୍ୱର (ପିଏନ୍): ବିଶ୍ୱଶାନ୍ତି, ସମାଜସେବା, ଯୋଗ, ମାନବ କଲ୍ୟାଣର ସଂଗଠନ 'ଶାନ୍ତି ପଥ'ର ଚତୁର୍ଥ ବାର୍ଷିକ ଉତ୍ସବ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମାର୍ଗଦର୍ଶକ ଭାବେ ସାରସ୍ୱତ ପ୍ରତିଭା ପ୍ରଫେସର ଧନେଶ୍ୱର ସାହୁ, ଜୟନ୍ତ ଦାସ, ଚନ୍ଦ୍ରବିଜୟୀ ମିଶ୍ର, ବିଜୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଗୌତମ ବୁଦ୍ଧ ଓ ଗାନ୍ଧୀଙ୍କ ପ୍ରାସଙ୍ଗିକତା ଆଜି ବି ରହିଛି ବୋଲି ମତବ୍ୟକ୍ତ କରିଥିଲେ। ବିଶ୍ୱ ଶାନ୍ତି, ଯୋଗ, ମାନବ କଲ୍ୟାଣକୁ ଗୁରୁତ୍ୱ ଦେଇ ଉକ୍ତ ସଂଗଠନ ଦୀର୍ଘ ୪ ବର୍ଷ ହେବ ରାଜ୍ୟର ବିଭିନ୍ନସ୍ତରରେ କାର୍ଯ୍ୟକରି ଆସୁଛି ବୋଲି ସଭାପତି ଶ୍ରୀଯୁକ୍ତ ମିଶ୍ର କହିଥିଲେ। ଆଜିର ସମାଜରେ ମନୁଷ୍ୟ ନିଜେ ସୁସ୍ଥ ରହିବା ସହିତ ଦୈନନ୍ଦିନ ଯୋଗ, ପ୍ରାଣାୟମ ଏବଂ ଜୀବନଚର୍ଯ୍ୟାରେ ଯଦି ସକାରାତ୍ମକ ପରିବର୍ତ୍ତନ ଆଣିପାରେ, ତେବେ ଏକ ସୁନ୍ଦର, ସମୃଦ୍ଧ ବିଶ୍ୱର ପରିକଳ୍ପନା ସମ୍ଭବ ହୋଇପାରିବ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶାନ୍ତିପଥର ସୈନିକ ମଦନ ମୋହନ ପାଢୀ, ଟି.କେ ରାହା, ଅଙ୍କନ ମିଶ୍ର, ବିଶ୍ୱନାଥ ମାର୍ଥା, ଶୁଭେନ୍ଦ୍ର ପଟ୍ଟନାୟକ ଓ ଅରବିନ୍ଦ ତ୍ରିପାଠୀଙ୍କୁ ଅତିଥିମାନେ ଉତ୍ତରୀୟ ଓ ବୃକ୍ଷଚାରା ଦେଇ ସମ୍ବର୍ଦ୍ଧିତ କରିଥିଲେ। 'ଶାନ୍ତିପଥ'ର ଅଧ୍ୟକ୍ଷ, ପ୍ରତିଷ୍ଠାତା ସମାଜସେବୀ ଶିବନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁବ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରିୟବ୍ରତ ବାରିକ, ସ୍ୱାଗତିକା, ସତ୍ୟବ୍ରତ ପ୍ରମୁଖ କାର୍ଯ୍ୟକ୍ରମକକୁ ପରିଚାଳନାରେ ସହଯୋଗ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ମାଲକାନଗିରି ଜିଲାକୁ ଦୁର୍ଘଟଣାମୁକ୍ତ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ

ମାଲକାନଗିରି, (ପି.ଏନ): ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲାକୁ ଦୁର୍ଘଟଣାମୁକ୍ତ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ପ୍ରତ୍ୟେକ ମଙ୍ଗଳବାର ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ୩ ଘଂଟା ଟ୍ରାଫିକ ନିୟମ ପାଳନ କରିବାକୁ ଲୋକଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମାଲକାନଗିରି ଦଣ୍ଡକାରଣ୍ୟ ଛକ ଠାରେ ଡ଼ିଏସପି ଡି. ନାୟକ ଓ ଇନିସ୍ପେକ୍ଟର ରାମଚନ୍ଦ୍ର ନାଗ, ମାଲକାନଗିରି ବାଲିମେଳା ଛକ ଠାରେ ଏସଡିପିଓ ସଚିନ ପଟେଲ ଓ ଇନିସ୍ପେକ୍ଟର ଜେ ପି ଏନ ହୋତା, ମାଲକାନଗିରି ଆଇଏମଏସ ଟି ଛକ ଠାରେ ଡ଼ିଏସପି ଏସ ପି ଭୂୟାଁ ଓ ଇନ୍ସପେକ୍ଟର ଆର ଏନ ମାଝୀ, ଓର୍କେଲ ଥାନା ଅଂଚଳରେ ଏସଡିପିଓ ଆଲେକ୍ସ କିସ୍ପୋଟିଆ ଓ ଥାନା ଅଧିକାରୀ ଜନ ଖଜୁ, ମାଥିଲି ଥାନା ଅଂଚଳରେ ଡ଼ିଏସପି ଯଦୁନାଥ ଜେନା ଓ ଥାନା ଅଧିକାରୀ ଆର କେ ମାଝୀ, କାଲିମେଳା ଥାନା ଅଂଚଳରେ ଡ଼ିଏସପି ଆର ଏନ ପାତ୍ରଓ ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ, ଏମଭି ୭୯ ଥାନା ଅଂଚଳରେ ଥାନା ଅଧିକାରୀ ସୁନୀଲ କୁମାର ସୋରେନ, ପଡିଆ ଥାନା ଅଂଚଳରେ ଥାନା ଅଧିକାରୀ ଏ କେ ବିଷୋୟୀ, ମୋଟୁ ଥାନା ଅଂଚଳରେ ଥାନା ଅଧିକାରୀ ଅନିଲ କୁମାର ପରିଡା, ମୁଦୁଲିପଡ଼ା ଥାନା ଅଂଚଳରେ ଏସ ଆଇ ସି ଏଚ ତାଣ୍ଡିଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ମାନେ ବିଭିନ୍ନ ଛକ ଗୁଡିକରେ ଯାନବାହନ ଯାଂଚ୍ କରି ଫାଇନ ଆଦାୟ କରିଥିଲେ। ସେହିପରି ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲକାଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ଥାନାର ସମସ୍ତ ପୋଲିସ ଅଧିକାରୀ ତଥା କର୍ମଚାରୀମାନଙ୍କୁ ନେଇ ଚିତ୍ରକୋଣ୍ଡା ପଞ୍ଜାବୀ ଛକଠାରେ ଟ୍ରାଫିକ ନିୟମକୁ କଡାକଡି ପାଳନ କରାଯିବା ସହ ଲାଇସେନ୍ସ ଓ ହେଲମେଟ ଯାଂଚ୍ କରାଯାଇ ବାଇକ୍ ଚଳାଇବା ବେଳେ ହେଲମେଟ୍ ପିନ୍ଧି ଜୀବନକୁ ସୁରକ୍ଷିତ ରଖିବାକୁ ସଚେତନତା ବାର୍ତ୍ତା ଦିଆଯାଇଛି। ଏପରିକି ଟ୍ରାଫିକ ନିୟମ ପାଳନ କରିବାକୁ ପରାମର୍ଶ ଦିଆଯାଇଥିଲା।ଏହି ଅବସରରେ ଗାଡ଼ି ଚାଳକଙ୍କୁ ଅଟକାଇ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରାଯାଇଥିଲା। ଏପରିକି ଅମାନିଆଙ୍କୁ ସତର୍କ କରି ତ୍ରୁଟି ସୁଧାରିବାକୁ ପରାମର୍ଶ ସହ ଫାଇନ କଟାଯାଇଥିଲା। ଚିତ୍ରକୋଣ୍ଡା ଅଂଚଳକୁ ଦୁର୍ଘଟଣାମୁକ୍ତ କରିବାକୁ ପୋଲିସ ଅଧିକାରୀଙ୍କ ଏଭଳି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ମା ତାରାତାରିଣୀଙ୍କ ଚୈତ୍ର ଯାତ୍ରା ଦ୍ୱିତୀୟ ପାଳି

ଗଞ୍ଜାମ, (ପି.ଏନ): ଚୈତ୍ର ଦ୍ୱିତୀୟ ମଙ୍ଗଳବାର । ଏହି ଅବସରରେ ପୁରୁଷୋତମପୁର ନିକଟସ୍ଥ କୁମାରୀ ପାହାଡ଼ ଉପରେ ଅବସ୍ଥିତ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ ଚଇତି ଯାତ୍ରା ଅନୁଷ୍ଠିତ ହେଉଛି । ଗତ ମଧ୍ୟରାତ୍ର ପରେ ମା ଙ୍କ ମନ୍ଦିର ଦ୍ୱାରଫିଟା, ଆଳତି, ପୂଜାର୍ଚ୍ଚନା ପରେ ମାଙ୍କ ଶୃଙ୍ଗାର କରାଯାଇ ମାଙ୍କୁ ମହାଲକ୍ଷ୍ମୀ ବେଶରେ ସଜ୍ଜିତ କରାଯାଇଛି । ରାତି ୨ଟା ଠାରୁ ମୁଣ୍ଡନ କାର୍ଯ୍ୟ ଆରମ୍ଭ ହୋଇଥିଲା । ୩ଟା ୪୫ ମିନିଟ୍ ଠାରୁ ସାହାଣମେଳା ଦର୍ଶନ ଆରମ୍ଭ ହୋଇଥିଲା । ଭକ୍ତମାନେ ବ୍ୟାରିକେଡ୍ ରେ ଧାଡ଼ିରେ ଯାଇ ମାଙ୍କ ଦର୍ଶନ କରୁଛନ୍ତି । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଧାଡ଼ି ଦର୍ଶନ ସହ ଠିକ୍ ସମୟରେ ନୀତିକାନ୍ତି ଜାରୀ ରହିଛି । ଏହି ଅବସରରେ ମା ତାରାତାରିଣୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ପୀଠରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଜିଲ୍ଲା ଓ ଜିଲ୍ଲା ବାହାରୁ ଶ୍ରଦ୍ଧାଳୁ ମାନେ ଆସି ମାଙ୍କ ପୀଠରେ ଏକାଠି ହୋଇଛନ୍ତି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଦର୍ଶନ ଚାଲିବ । ଚୈତ୍ର ମାସର ମଙ୍ଗଳବାର ଗୁଡିକରେ ଶ୍ରଦ୍ଧାଳୁ ମାନେ ଆସି ଏଠାରେ ନିଜ ସନ୍ତାନ ସନ୍ତତି ମାନଙ୍କର ମୁଣ୍ଡନ କରି ପ୍ରଥମ କେଶ ଦେବୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥାନ୍ତି । ଏହାଦ୍ୱାରା ଦେବୀଙ୍କ ଆର୍ଶୀବାଦ ସର୍ବଦା ସେମାନଙ୍କର ସନ୍ତାନ ଉପରେ ରହିବ ବୋଲି ବିଶ୍ୱାସ ରହିଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ଟ୍ରଷ୍ଟ ବୋର୍ଡ଼ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମନ୍ଦିର ଭିତରେ ଓ ବାହାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ମାଙ୍କ ମନ୍ଦିରକୁ ଯିବା ନିମନ୍ତେ ଶ୍ରଦ୍ଧାଳୁ ମାନଙ୍କ ନିମନ୍ତେ ପାହାଡ଼ ପାଦ ଦେଶରୁ ବସ୍ ଓ ରୋପ ଓ୍ୱେ ବ୍ୟବସ୍ଥା ରହିଛି । ଏଥିସହ ହଜାରେ ପାହଚ ଅତିକ୍ରମ କରି ପାଦଚଲା ରାସ୍ତାରେ ମଧ୍ୟ ଯିବାର ବ୍ୟବସ୍ଥା ରହିଛି । ସ୍ୱାସ୍ଥ୍ୟ, ଜଳଯୋଗାଣ, ପ୍ରସାଦ ପୁଡିଆ ବିକ୍ରୀ ଓ ବିତରଣ ଏବଂ ମୁଣ୍ଡନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏଠାରେ ଶହ ଶହ ସଂଖ୍ୟାରେ ଅସ୍ଥାୟୀ ଦୋକାନ ଖୋଲାଯାଇଛି । ମାର୍ଚ୍ଚ ୨୮ ଏବଂ ଅପ୍ରେଲ ମାସ ୪ ତାରିଖ ମଙ୍ଗଳବାର ଏହି ଯାତ୍ରା ଅନୁଷ୍ଠିତ ହେବ । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଛତ୍ରପୁର ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାତ୍ର, ପୁରୁଷୋତମପୁର ଏସଡିପିଓ ରଜନୀକାନ୍ତ ସାମଲ, ଆଇଆଇସି ପ୍ରିୟରଞ୍ଜନ ଛୋଟରାୟ, ବିଡ଼ିଓ ବିଜୟ କୁମାର ବେହେରା, ତହସିଲଦାର ସନ୍ତୋଷ କୁମାର ସାହୁ, ମନ୍ଦିର ନିର୍ବାହି ଅଧିକାରୀ ଟି.କେ. ରେଡ୍ଡି ପ୍ରମୁଖ ଉପସ୍ଥିତ ରହି ଯାତ୍ରା ପରିଚାଳନା ଓ ତଦାରଖ କରୁଛନ୍ତି ।

# ଦୁର୍ଦ୍ଦଶାରେ ଜୀବନ, ସରକାରୀ ସହାୟତା ଓ ଭତା ଯୋଗାଇଦେବାରେ ପାନ ପତରୀ ଓ ରାଏମତିଙ୍କୁ ଅଣଦେଖା

ଭବାନୀପାଟଣା, (ପି.ଏନ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଡ଼ଙ୍ଗାପଖନ ଗ୍ରାମର ବୃଦ୍ଧା ପାନପତରି ଯାଦବ ଓ ରାଏମତୀ ଛତ୍ର ସରକାରୀ ଭତା ନ ପାଇ ଦୁର୍ଦ୍ଦଶାରେ ଜୀବନ ବିତାଉଛନ୍ତି ।ଏଭଳି ଘଟଣା ଦେଖିବାକୁ ମିଳିଛି ଭବାନୀପାଟଣା ବ୍ଲକ ସ୍ଥିତ ଗରୁଜୁଙ୍ଗ ପଂଚାୟତ ଅଧୀନରେ ଥିବା ଡଙ୍ଗାପାଖନ ଗ୍ରାମରେ। ଗ୍ରାମର ପାନପତ୍ର ଯାଦବ ଜଣେ ବୃଦ୍ଧା ଓ ବିଧବା ମହିଳା ଅଟନ୍ତି। ଯାହାର ଏକ ମାତ୍ର ପୁଅ ଦାଦନ ଶ୍ରମିକ ବିଦେଶରେ ରହିଛନ୍ତି, ହେଲେ ପୁଅ ପରିବାର ପ୍ରତିପୋଷଣ ପାଇଁ ବାହାରେ ଦାଦନ ଶ୍ରମିକ ଭାବେ ଦୀର୍ଘ ଦିନ ଧରି ରହିଛନ୍ତି, ଉକ୍ତ ବୃଦ୍ଧା ମଧ୍ୟ ରହୁଥିଲେ। କିନ୍ତୁ କୌଣସି କାରଣବସତଃ ବୃଦ୍ଧା ନିଜ ଭିଟାମାଟିକୁ ପଳାଇ ଆସିଲେ। ଏପର୍ଯ୍ୟନ୍ତ ତାଙ୍କର ଭତା ମିଳିନାହିଁ। ସ୍ଥାନୀୟ ଲୋକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଯେ, ଗାଁରେ ତାର କିଏ ସାହାରା ନାହିଁ ତେଣୁ ପ୍ରଶାସନ ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସରକାରୀ ସହାୟତା, ଭତା ଯୋଗାଇ ଦେଉ ।ସେହିଭଳି ଆଉ ଜଣେ ବୃଦ୍ଧା ବିଧବା ମହିଳା ହେଉଛି ରାଏମତୀ ଛତର, ତାଙ୍କର ବୟସ ପ୍ରାୟ ୭୫ ହେବ, ସେହି ବୃଦ୍ଧାଙ୍କୁ ମଧ୍ୟ ଏଯାଏଁ ଭତା ମିଳି ନାହିଁ। ସେ ବି ତିନି ବର୍ଷ ପୂର୍ବରୁ ବାହାରେ ତାଙ୍କର ଝିଅ ଘରେ ଥିଲେ, ଏବେ ଡ଼ଙ୍ଗାପଖନ ଗ୍ରାମରେ ସେ ବି ଗାଁକୁ ଆସି ଦୁଇ ବର୍ଷ ହେବ ରହୁଛନ୍ତି। ତାଙ୍କର ଭତା ମଧ୍ୟ ପ୍ରୋସେସରେ ରହିଛି ବୋଲି ସରପଂଚଙ୍କ ପୁଅ କ୍ଷୀରୋଦ କୁମାର ସାହୁ ଫୋନ ଯୋଗେ ପ୍ରକାଶ କରିଥିଲେ, ତେଣୁ ତୁରନ୍ତ ପାନ ପତ୍ରି ଯାଦବ ଓ ରାଏ ମତିଙ୍କୁ ଭତା ଯୋଗାଇ ଦେବାକୁ ସ୍ଥାନୀୟ ଜନସାଧାରଣ ଗୌତମ ଛତ୍ର, ହରି ଛତ୍ର, ଗଣପତି ବାଗ ଓ ଗୌରୀ ବାଗ ଦାବି କରିଛନ୍ତି।ଏହି ପରିପ୍ରେକ୍ଷୀରେ ପିଇଓ ଅଭିମନ୍ୟୁ ନାୟକଙ୍କୁ ବି ଫୋନ ଯୋଗେ ପଚାରିବାରୁ ସେ କହିଛନ୍ତି ଯେ, ମୁଁ ବ୍ଲକରେ ଅଛି ଆସନ୍ତାକାଲି ତଦନ୍ତ କରି ତାଙ୍କର ଦୁଇ ଜଣଙ୍କ ଭତାର ସୁବ୍ୟବସ୍ଥା କରିବି। ତେବେ ଦେଖିବାର କଥା ଯେ ସରକାରୀ ସହାୟତା ଯୋଜନା କେବେ ପହଂଚିବ ଓ ଦୁଇ ବୃଦ୍ଧ ମହିଳାଙ୍କ ଦୁର୍ଦ୍ଦଶା ଦୂର ହେବ।

# ଅଭିଭାବକ ମଂଚର କାର୍ଯ୍ୟକାରି କମିଟି ବୈଠକ : ଓଡିଶା ଯୋଡକୁ ପ୍ରାଧାନ୍ୟ

ବଲାଙ୍ଗିର, (ପି.ଏନ): ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାରର ସମ୍ମିଳନୀ କକ୍ଷରେ ଅଭିଭାବକ ମଂଚର କାର୍ଯ୍ୟକାରି କମିଟି ବୈଠକ ସଭାପତି ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଉପ-ସଭାପତି ପ୍ରଶନ୍ନ କୁମାର ମିଶ୍ର ସୂଚନା ଦେଇଥିଲେ ଯେ, ଗତ ୧୫.୦୨.୨୩ ରେ ଅନୁଷ୍ଠିତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ସମ୍ମିଳନୀରେ ଓଡିଶାର ସାମୁହିକ ବିକାଶ ପାଇଁ 'ଓଡିଶା ଯୋଡ' କୁ ପ୍ରାଧାନ୍ୟ ଦେବାକୁ ନିଷ୍ପତି ନିଆଯାଇଥିଲା । ଏଥି ପାଇଁ ଆସନ୍ତା କିଛି ବର୍ଷ ମଧ୍ୟରେ ସଡକ, ଜଳ, ରେଳ ଓ ବିମାନ ପରିବହନ ବ୍ୟବସ୍ଥାକୁ ସୁଦୃଢ କରାଯିବ । ମନ୍ତ୍ରୀ ଟୁକୁନି ସାହୁ ମଧ୍ୟ ଟିଟିଲାଗଡ ନିର୍ବାଚନ ମଣ୍ଡଳିର ବିକାଶ ନେଇ ସମୀକ୍ଷା ବୈଠକ କରିଛନ୍ତି, କିନ୍ତୁ ଏସବୁ ନିର୍ବାଚନୀ ଅଭିଯାନ ମଧ୍ୟରେ କାଦୁଅ ଫିଙ୍ଗାରେ ବଲାଙ୍ଗିରର ବିକାଶ ବାଟବଣା ହୋଇ ଗଲାଣି । ଓଡିଶା ଯୋଡରେ ବଲାଙ୍ଗିର ଜିଲ୍ଲାକୁ ଯୋଡାଯିବ କି ଛଡାଯିବ ତାହା ସାଧାରଣ ଜନତା ବୁଝି ପାରୁନାହାନ୍ତି । ୧୯୬୭ ମସିହାରେ ଉଦଘାଟିତ ଟୁଷୁରା ଏୟାରଷ୍ଟ୍ରିପ୍ ରୁ ନିୟମିତ ବିମାନ ଉଡାଣ ପାଇଁ ଅପ୍ରିଲ ୨୦୧୬ ରେ ଏୟାର ଓଡିଶା ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ଆନ୍ତରିକତା ଅଭାବରୁ ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ । ସେହିପରି ତେଲନଦୀ ଉପରେ କଳାହାଣ୍ଡିରେ ବ୍ୟାରେଜ ନିର୍ମାଣ ହେଲେ ତହିଁରେ କୌଣସି ବ୍ୟକ୍ତି ବିସ୍ଥାପିତ ହେବେ ନାହିଁ ଏବଂ କଳାହାଣ୍ଡି, ବଲାଙ୍ଗିର, ସୋନପୁର ଓ ବୌଦ୍ଧ ଜିଲ୍ଲାର ଅନେକ ଅଂଚଳରେ ଜଳସେଚନର ବ୍ୟବସ୍ଥା ହେବା ସହ ତେଲନଦୀ ଦେଇ କଳାହାଣ୍ଡି-ବଲାଙ୍ଗିର-ସୋନପୁର-କଟକକୁ ସବୁ ଦିନିଆ ନୌପରିବହନର ସୁବିଧା ଉପଲବ୍ଧ ହୋଇପାରିବ । ପୁନଶ୍ଚ ନିର୍ମାଣାଧିନ ବଲାଙ୍ଗିର-ଖୋର୍ଦ୍ଧା ରୋଡ ରେଳପଥରେ ଆସନ୍ତା ଅପ୍ରିଲରୁ ବଲାଙ୍ଗିରରୁ ସୋନପୁର ରେଳ ଚଳାଚଳ ପାଇଁ ସମସ୍ତ ସୁଯୋଗ ଥିବା ସତ୍ୱେ ତାହା କାର୍ଯ୍ୟକାରୀ ହେବାରେ ସନ୍ଦେହ ପ୍ରକାଶ ପାଇଛି । କଟାବାଞ୍ଜି- ନବରଙ୍ଗପୁର ତଥା ବଲାଙ୍ଗିର-ନୂଆପଡା ନୂତନ ରେଳପଥ ପାଇଁ ଅଂଚଳର ଦୀର୍ଘ ଦିନର ଦାବିକୁ କାର୍ଯ୍ୟକାରୀ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଗ୍ରହରେ ଅଭାବ ପରିଲକ୍ଷିତ ହେଉଛି । ଓଡିଶା ସରକାର 'ଓଡିଶା ଯୋଡ' କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶାର ବିକାଶକୁ ତ୍ୱରାନ୍ୱିତ କରିବାର ଯୋଜନା କଲାବେଳେ କେବିକେର ପ୍ରମୁଖ ଜିଲ୍ଲା ବଲାଙ୍ଗିରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିକାଶ ଯୋଜନାକୁ ଅଣଦେଖା କରି 'ବଲାଙ୍ଗିର ଛାଡ' ନୀତି ଆପଣାଉଥିବା ସାଧାରଣରେ ଆଲୋଚନା ହେଉଛି । ୫-ଟି ସଚିବ ଏ ଦିଗରେ ଦୃଷ୍ଟି ଦେବେ ବୋଲି ଆଶା ।ଏହି ବୈଠକରେ ସଂପାଦକ ଗୋବିନ୍ଦ ମିଶ୍ର, ଦିବାକର ହୋତା, ଛବିଲାଲ ବେହେରା, ପୁରୁଷୋତମ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାଶ, ହରେକୃଷ୍ଣ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କୃଷ୍ଣଚନ୍ଦ୍ର ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିବାଦୀୟ ବିଡିଓଙ୍କୁ ନେଇ୧୨ ଘଂଟିଆ କୋଇଡା ବନ୍ଦ, ମୁହଁ ଖୋଲୁନାହାନ୍ତି ବିଡିଓ

ରାଉରକେଲା, (ପି.ଏନ): ସୁନ୍ଦରଗଡ ଜିଲ୍ଲା କୋଇଡାର ବିଡିଓ ପଲ୍ଲବୀ ରାଜଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ହେବା ସହ କଥା ବିଧାନସଭାରୁ ନେଇ କୋଇଡା ଯାଏ ଉଠୁଚି ପଡୁଛି। ବିଡିଓ ଲୋକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ନାନା ପ୍ରକାର ଦୁର୍ନିତୀରେ ଲିପ୍ତ ଥିବା ନେଇ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଅଭିଯୋଗ କରି ଆଜି ପୁଣି କୋଇଡାକୁ ୧୨ ଘଂଟା ଅଚଳ କରି ଅର୍ଥନୈତିକ ଅବରୋଧ କରିଛନ୍ତି। ସେପଟେ ବିଡିଓଙ୍କୁ ଏନେଇ ତାଙ୍କ ପ୍ରତିକ୍ରିୟା ପଚରା ଜିବାରୁ ସେ ଫୋନ ରିସିଭ କରି କାଟିଦେଉଥିବା ଜଣାପଡିଛି । ଓଏଏସ ଅଫିସର ପଲ୍ଲବୀ ରାଜ ଯିଏ କି ସୁନ୍ଦରଗଡ ଜିଲ୍ଲାର ଅନ୍ୟ କେତେକ ବ୍ଲକରେ ରହି ଏହିଭଳି ବେଶ ଚର୍ଚ୍ଚିତ ହୋଇଥିବା ବେଳେ ଏବେ ୩ ବର୍ଷରୁ ଅଧିକ ସମୟ ଧରି କୋଇଡାରେ ରହି ଚର୍ଚ୍ଚାରେ ରହିଛନ୍ତି । କୋଇଡାରେ ନିଜ ମା ଓ ଭାଇଙ୍କ ନାମରେ ଥିବା ଠିକା ଲାଇସେନ୍ସ ମାଧ୍ୟମରେ ସେ କୋଇଡାରେ ଠିକାଦାରୀ କରିବା ସହ ଜଣେ ଜୁନିଅର ଇଂଜିନିୟର ପାଣିଗ୍ରାହୀ ବାବୁଙ୍କୁ ଧରି ଏହି ସବୁ କାରବାର ଚଳାଇଥିବା ନେଇ ବେଶ ଆଲୋଚନା ରହିଥିଲା । ସେତେବେଳେ ତାଙ୍କ ସ୍ୱାମୀ ପଡୋଶୀ ଜିଲ୍ଲା କେଉଁଝରର ବଡବିଲ ମୁନିସପାଲିଟିରେ ଥିବାରୁ ହୁଏତ ପାଖାପାଖି ଉଭୟ ରହିବା ଲାଗି ସରକାର ଏମାନଙ୍କୁ ଏଭଳି ଯାଗାରେ ରଖିଛନ୍ତି ବୋଲି କୁହାଯାଉଥିଲା। ତେବେ ଆଜି କାଲି ତାହା ମଧ୍ୟ କୁଆଡେ ଦରକାର ପଡୁନି ବୋଲି ଆଲୋଚନା ଚାଲିଛି । ତେବେ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯାହା ଅଭିଯୋଗ କରୁଛନ୍ତି ବିଡିଓ ଲୋକ ମାନଙ୍କୁ ବେଖାତିର କରିବା ସହ ଦୁର୍ବ୍ୟବହାର କରୁଛନ୍ତି, ଲୋକ ପ୍ରତିନିଧି ମାନେ ଗଲେ ସେ ଅଫିସ ଛାଡି ଚାଲିଯାଉଛନ୍ତି, ଏପରିକି ଖୋଦ ଅଂଚଳର ବିଧାୟକଙ୍କୁ ମଧ୍ୟ ଖାତିର କରୁନାହାନ୍ତି, ଲୋକଙ୍କ ସମସ୍ୟା ନେଇ ଗଲେ ସେ ଶୁଣୁ ନାହାନ୍ତି, ଏଭଳି କ୍ଷେତ୍ରରେ ସେ ଜଣେ ଲୋକ ପ୍ରତିନିଧି ହୋଇ ଲୋକଙ୍କୁ କି ଉତର ଦେବେ ଓ ଲୋକଙ୍କ ସମସ୍ୟା କିପରି ସମାଧାନ ହେବ ସେ ନେଇ ସେ ପ୍ରଶ୍ନ କରିଛନ୍ତି । ତେଣୁ ସେ ଏହାକୁ ନେଇ ଆଠଦିନ ତଳେ ବିଡିଓ ଅଫିସ ଆଗରେ ଧାରଣା ଦେବା ପରେ ବିଧାନସଭାରେ ଜିରୋ ଆୱାରରେ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସରକାର ଏନେଇ କୌଣସି ପଦକ୍ଷେପ ନନେବାରୁ ବିଡିଓଙ୍କ ବଦଳି ଦାବି କରି ଆଜି କୋଇଡାକୁ ଅର୍ଥନୈତିକ ଅବରୋଧ କରିବା ସହ ୧୨ ଘଂଟିଆ ବନ୍ଦ ପାଳନ କରିଛନ୍ତି । ଏହାଦ୍ୱାରା କୋଇଡା ଅଂଚଳରୁ ଲୁହାପଥର ପରିବହନ ସଂପୂର୍ଣ ବନ୍ଦ ରହିବା ସହ ଦୋକାନ ବଜାର, ସରକାରୀ ଅଫିସ, ବ୍ୟାଙ୍କ ଆଦି ବନ୍ଦ ରହିଛି । କେବଳ ଜନସାଧାରଣଙ୍କ ଯାତାୟତ ଲାଗି ବସ ଚଳାଚଳ ଅବ୍ୟାହତ ରହିଥିବା ଜଣାପଡିଛି ।ଏନେଇ ବିଡିଓ ପଲ୍ଲବୀ ରାଜଙ୍କୁ ତାଙ୍କ ମୋବାଇଲରେ ଯୋଗାଯୋଗ କରାଜିବାରୁ ସେ ଫୋନ ରିସିଭ କରି କାଟି ଦେଇଛନ୍ତି । ସେପଟେ ତାଙ୍କ ବାସଭବନକୁ ପୁଲିସ ଛାଉଣୀରେ ରଖାଯାଇଛି । ଏଭଳି ଅଚଳାବସ୍ଥାକୁ ନେଇ କୋଇଡା ସମେତ ଏହା ଉପରେ ନିର୍ଭର କରୁଥିବା ଜନତା ତିବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି ଏଭଳି ଖେଳ ଦ୍ୱାରା କୋଇଡାକୁ ନେଇ ଚାଲୁଥିବା କଳକାରଖାନା ପରିବହନ ଆଦି ପ୍ରଭାବିତ ହେବା ସହ ଦିନ ମଜୁରିଆ ମାନେ ମଧ୍ୟ ସେମାନଙ୍କ ରୋଜଗାର ହରାଉଛନ୍ତି ଓ କୋଇଡା ଅଶାନ୍ତ ହେବାରେ ଲାଗିଛି । ତେବେ କିଛି ବୁଦ୍ଧିଜୀବୀଙ୍କ କହିବା କଥା ଯଦି ବିଡିଓ ଏଠାରେ ହରିଲୁଟ କରୁଛନ୍ତି, ବ୍ୟବହାର ଖରାପ କରୁଛନ୍ତି ତେବେ ଏନେଇ କେତେ ଥର ବିଧାୟକ ମହୋଦୟ ଭିଜିଲାନ୍ସକୁ ଲେଖିଛନ୍ତି, ବ୍ୟବହାର ଖରାପ କରୁଥିବା ନେଇ କେତେ ଥର ଥାନାରେ ଅଭିଯୋଗ କରାଯାଇଛି ? ଯଦି ଏ ନେଇ ବିଧାୟକ ଅଭିଯୋଗ କରିଛନ୍ତି ତେବେ ଭିଜିଲାନ୍ସ ଓ ପୁଲିସ କି ପଦକ୍ଷେପ ନେଇଛି ବୋଲି ପ୍ରଶ୍ନ ହେଉଛି । କାରଣ ୫-ଟି ସରକାରରେ ଏହି ବିଭାଗ ମାନେ ନିୟମ ଅନୁଶାରେ କାମ କରିବାକୁ ସରକାର କହିଛନ୍ତି । ଏନେଇ ରାଉରକେଲା ଭିଜିଲାନ୍ସକୁ ଯୋଗାଯୋଗ କରାଜିବାରୁ ଏସପି ଭିଜିଲାନ୍ସ ଏନେଇ କୌଣସି ସୂଚନା ଦେଇପାରିନାହାନ୍ତି । ଜଣେ ବିଡିଓଙ୍କୁ ନେଇ ଜନ ପ୍ରତିନିଧି ବିଧାନସଭାରୁ ନେଇ ଜିଲ୍ଲା ଯାଏ ସ୍ୱର ଉତୋଳନ କରୁଛନ୍ତି, କଥା ଦାଣ୍ଡରେ ପଡି ହାଟରେ ଗଡୁଛି, ଦୁର୍ନିତୀକୁ ନେଇ ଏଠି ଭିଜିଲାନ୍ସ ମଧ୍ୟ କିଛି କହିପାରୁ ନାହିଁ, ତେଣୁ ଏଠି କାହାର କିପ୍ରକାର ସରକାର ଚାଲିଛି କିଏ ଏଥିଲାଗି ଦାୟୀ ବୋଲି ସାଧାରଣରେ ଆଲୋଚନା ଚାଲିଛି ।

# ସ୍କୁଲ ବସ୍ - ବାଇକ୍ ଧକ୍କା : ଶାଳୀ ମୃତ, ଭିଣୋଇ ଆହତ

ଗଞ୍ଜାମ, (ପି.ଏନ): ଗଞ୍ଜାମ ଜିଲ୍ଲା ଶେରଗଡ଼ ଥାନା ଅନ୍ତର୍ଗତ ରକ୍ତପଟା ଗ୍ରାମ ନିକଟରେ ସ୍କୁଲ ବସ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକ ଆହତ ହୋଇଥିବା ବେଳେ ବାଇକ୍ ପଛରେ ବସିଥିବା ତାଙ୍କ ଶାଳୀ ସୋରଡ଼ା ଥାନା ଅନ୍ତର୍ଗତ ନୂଆଗଡ଼ ଗ୍ରାମର ଜିନତି ସେଠୀ (୧୯)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଆହତ ଜଣକ ହେଲେ ନାରାୟଣ ସେଠୀ ।ସୂଚନା ଯୋଗ୍ୟ ମଙ୍ଗଳବାର ଭୋରରୁ ନାରାୟଣ, ସ୍ତ୍ରୀଙ୍କ ସହ କରଡ଼ାକଣା ସ୍ଥିତ ଭିଣୋଇ ଘରକୁ ଆସି ନିଜ ମୋଟର ସାଇକେଲ ଯୋଗେ ଶାଳୀ ଜିନତି ସେଠୀଙ୍କୁ ନେଇ ନିଜ ଗ୍ରାମ ନୂଆଗଡକୁ ଯାଉଥିବା ବେଳେ ରକ୍ତପଟା ଗ୍ରାମ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଲ ବସ୍ ନଂ ଓଡ଼ି୧୦-ଏ୨୧୦୯ ବାଇକ୍ କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଶାଳୀର ମୃତ୍ୟୁ ହୋଇଯାଇଥିବା ବେଳେ ଭିଣୋଇ ଗୁରୁତର ହୋଇଥିଲେ । ଖବର ପାଇ ଶେରଗଡ଼ ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଛେଦ ନିମନ୍ତେ ଆସିକା ଡାକ୍ତରଖାନାକୁ ପଠାଇଛନ୍ତି । ଆହତ ନାରାୟଣଙ୍କୁ ଚିକିତ୍ସା ନିମନ୍ତେ ଆସିକା ଡାକ୍ତରଖାନାରେ ଭର୍ତି କରାଯାଇଛି । ଏ ସଂକ୍ରାନ୍ତରେ ଶେରଗଡ ଥାନାରେ କେସନଂ୧୫୧/୨୩ ରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ଘଟଣାର ତଦନ୍ତ କରୁଛି ।

# ସ୍ୱେଚ୍ଛାସେବୀ ହିତାଧିକାରୀମାନଙ୍କ ସହିତ ସରକାରୀ ଅଧିକାରୀମାନଙ୍କ ବିଷୟକ ଆଲୋଚନା ଚକ୍ର

ବଲାଙ୍ଗୀର, (ପି.ଏନ): ହୋଟେଲ ଭ୍ରମର ସଭାଗୃହରେ ଉନ୍ନୟନ ସହଯୋଗ ଆଂଚଳିକ କେନ୍ଦ୍ର ଆରସିଡ଼ିସି ଦ୍ୱାରା ଉନ୍ନୟନ କାର୍ଯ୍ୟରେ ନିୟୋଜିତ ସରକାରୀ ଅଧିକାରୀମାନଙ୍କ ସହିତ ଜିଲ୍ଲାରେ ବିଭିନ୍ନ କାମ କରୁଥିବା ସ୍ୱଂୟ ସହାୟକ ଗୋଷ୍ଠି ଓ ଅନ୍ୟାନ୍ୟ ଗ୍ରାମାଂଚଳରେ କାର୍ଯ୍ୟ କରୁଥିବା ହିତାଧିକାରୀ ମାନଙ୍କ ଆଲୋଚନା ଚକ୍ର ସଂସ୍ଥାର ପରିଚାଳନା କୁଳମଣି ସାହୁ ଙ୍କ ଦ୍ୱାରା ସଂଯୋଜନା କରାଯାଇଥିଲା। ଅର୍ମାସର କେ. ପାଉଲ୍. କୃଷିବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ମୁଖ୍ୟ ପରିଚାଳକ ଡ଼ ସତ୍ୟମୟ ଶତପଥୀ, ଅତିରିକ୍ତ ଜିଲ୍ଲା ଉନ୍ନୟନ ଅଧିକାରୀ ମଳୟ କୁମାର ଶତପଥୀ, ଜିଲ୍ଲା ସ୍କାଲାର୍ଷିପ ସଂଯୋଜକ ଖଗେଶ୍ୱର ମହାକୁଡ, ପ୍ରମୁଖ ଯୋଗଦେଇ ଥିଲେ। ପାରମ୍ପରିକ ଖାଦ୍ୟ, ସଂସ୍କୃତି, ଅଧିକାର, ଆଦିବାସୀ ଙ୍କ ଜୀବନ ଜୀବିକା, ଖାଦ୍ୟ ସର୍ବଭୌମତ୍ୱ ଓ ନିଜସ୍ୱ ଶାସନ ବ୍ୟବସ୍ଥା ଉପରେ ଆଲୋଚାଚକ୍ରଟି ଅନୁଷ୍ଠିତ ହୋଇଥିଲା। ଅଧିକାରୀ ମାନେ ଦୀର୍ଘସ୍ଥାୟୀ ସମ୍ବଳ ପରି ଚାଳନା, ଚିରସ୍ଥାୟୀ ଜୈବିକ କୃଷି, ପାରମ୍ପରିକ କୌଳିକ ବୃତି ଫେରିବାକୁ ନେଇ ବିଷୟ, ଗାଁ ସ୍ତରରେ ସମ୍ବଳ ପରିଚାଳନା କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିବା ସହିତ ଯୁବ ଗୋଷ୍ଠିକୁ ଯୋଡିବା, ପରିବେଶ ସୁରକ୍ଷା, ପାରମ୍ପରିକ ଖାଦ୍ୟ ବ୍ୟବସ୍ଥାକୁ ଫେରିବା, ଯୋଜନା ପ୍ରସ୍ତୁତି ଇତ୍ୟାଦି ବିଷୟରେ ଜାଣିବାକୁ ବିଷୟଗୁଡ଼ିକୁ ଆଲୋଚନା ହୋଇଥିଲା। ଅନ୍ୟତମ ବକ୍ତା ରୂପେ ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ ମତାମତ ରଖିଥିଲେ। ଏଥିରେ ଖପ୍ରାଖୋଲର ୪ ଗୋଟି ଗ୍ରାମପଂଚାୟତର ୧୬ ଟି ଗ୍ରାମର ଜଙ୍ଗଲ ଅଧିକାର କମିଟି ଗ୍ରମବିକାସ କମିଟି, ଗନ୍ଧମାର୍ଦନ ଖାଦ୍ୟ ସୁରକ୍ଷା ମହାସଂଘ, ଦେଶୀ ବିହନ ବଂଚାଅ ସଂଘଟାନ ସଭ୍ୟ ସଭ୍ୟା, ଗନ୍ଧମାର୍ଦ୍ଦନ ବୈଦ୍ୟ ମହାସଂଘ କର୍ମକର୍ତା ମିଶଇ ଶତାଧିକ ଯୋଗଦେଇଥିଲେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା, (ପି.ଏନ): କିର୍ମିରା ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଆଜି ମୋଟ ୨୧ଟି ଅଭିଯୋଗ ଶୁଣାଣି ହୋଇଛି । ଏଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ଓ ଗୋଟିଏ ସାମୁହିକ। ନବ୍ପାପାଲି ଗ୍ରାମର ମୁଖ୍ୟ ରାସ୍ତା ପ୍ରଶସ୍ତ କରାଯିବା ନେଇ ସାମୁହିକ ଅଭିଯୋଗ ଦାଖଲ କରାଯାଇଥିବା ବେଳେ ରାସନ କାର୍ଡ ଓ ବିଧବା ଭତା ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଣ , ଫସଲ ବୀମା ଯୋଜନା, ଶ୍ରମିକ ନିର୍ମାଣ ବୋର୍ଡ ଯୋଜନାରେ ମୃତ୍ୟୁକାଳୀନ ସହାୟତା ପ୍ରଦାନ, ଏନ୍ଏମ୍ଏମ୍ଏସ୍ ଛାତ୍ରବୃତି ପ୍ରଦାନ, ଜମି ବିବାଦ,ବିକଳାଙ୍ଗ ଭତା ଓ କୋଭିଡ ସେଣ୍ଟରରେ କାର୍ଯ୍ୟ ଜନିତ ପାଉଣା ଆଦି ବ୍ୟକ୍ତିଗତ ଅଭିଯୋଗ ସଂପର୍କରେ ଶୁଣାଣି କରାଯାଇଥିଲା। ଅଭିଯୋଗ ଗୁଡ଼ିକ ଅନୁଧ୍ୟାନ ପୂର୍ବକ ସମାଧାନ ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ପରମାର ସ୍ମିତ ପରଷୋତମ ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝୀ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ପଂଚାୟତ ସମିତି ଅଧକ୍ଷା କୃଷ୍ଣପ୍ରିୟା ସାହୁ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟ କୁମାର ନାୟକ, ଡେପୁଟି କଲେକ୍ଟର ପ୍ରତିମା ପିଙ୍ଗ, ସହକାରୀ ଜିଲ୍ଲାପାଳ ହରେନ କୁମାର ସାହୁଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୪ମାସ ଭିତରେ ଶରଣାର୍ଥୀଙ୍କ ଜମି ସମସ୍ୟା ସାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,(ପି.ଏନ): ଦୀର୍ଘ ବର୍ଷ ଧରି ଜିଲ୍ଲାରେ ରହି ଆସୁଥିବା ଶରଣାର୍ଥୀମାନଙ୍କୁ ଜମିପଟ୍ଟା ପାଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଶରଣାର୍ଥୀମାନଙ୍କ ୪ମାସ ଭିତରେ ଜମି ସମସ୍ୟା ସାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲ ଅଂଚଳରେ ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ୍ୱ ଧରି ରାମନଗର ଓ ଖରନାସୀ ପ୍ରଭୃତି ଅଂଚଳରେ ଶରଣାର୍ଥୀ ଭାବେ ରହୁଥିବା ଲୋକଙ୍କ ଜମି ସମସ୍ୟାର ସମାଧାନ କରିବା ପଇଁ ଏକ ଉଚ୍ଚସ୍ତରୀୟ ବୈଠକ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସର୍କିଟ୍ ହାଉସ ଠାରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ଶ୍ରୀ ନାୟକଙ୍କ ସମେତ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା(ରାଜସ୍ୱ), ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ମହାକାଳପଡ଼ା ତହସିଲଦାର, ଖରାସୀ ସରପଂଚ, ରାମନଗର ସରପଂଚ, ଜିଲ୍ଲା ପରିଷଦ ସଭ୍ୟ, ସମୀର ମିସ୍ତ୍ରୀ, ବିଜୟ ଶୁକ୍ଲା, ତୁଷାରକାନ୍ତି ସର୍ଦ୍ଦାର, ଅର୍ଜ୍ଜୁନ ମଣ୍ଡଳ ସମେତ ବହୁ ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ରହି ଆସନ୍ତା ୪ମାସ ଭିତରେ ଏହି ସମସ୍ୟାର ସମାଧାନ କରିବା ପାଇଁ ଉକ୍ତ ବୈଠକରେ ଉପସ୍ଥିତ ଥିବା ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି।


MAHARISHI PUBLIC SCHOOL



2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक



# କୋଟାଭାଲାସା-କୋରାପୁଟ-କିରାଣ୍ଡୁଳ (କେକେ) ରେଳ ଲାଇନ ଦୋହରୀକରଣରେ ଆଉ ଏକ ମାଇଲ ଖୁଣ୍ଟ



ଭୁବନେଶ୍ୱର,(ପି.ଏନ): ବର୍ତ୍ତମାନ କୋଟାଭାଲାସା-କୋରାପୁଟ-କିରାଣ୍ଡୁଳ (କେକେ) ରେଳ ଲାଇନରେ ଦୋହରୀକରଣ କାର୍ଯ୍ୟ ଚାଲୁରହିଛି । ସମୁଦାୟ ୪୪୫ କିଲୋମିଟର ଦୋହରୀକରଣ କାର୍ଯ୍ୟ ମଧ୍ୟରୁ ୨୩୭ କିଲୋମିଟର ଦୋହରୀକରଣ କାର୍ଯ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇଛି । କୋଟାଭାଲାସା-କିରାଣ୍ଡୁଳ ମଧ୍ୟରେ ସିଂଗିଲ ଲାଇନ ଗୁରୁତ୍ୱପୂର୍ଣ୍ଣ ରେଳ ସେକ୍ସନରେ ଟ୍ରାଫିକ୍ ସମସ୍ୟା ହେତୁ ଏହି ଗୁରୁତ୍ୱପୂର୍ଣ୍ଣ ଖଣିଜ ପରିବହନ ମାର୍ଗରେ ଟ୍ରେନ୍ ଚଳାଚଳରେ ବିଳମ୍ବର ସମ୍ମୁଖୀନ ହେଉଛି । ଦୋହରୀକରଣ କାର୍ଯ୍ୟ ସମାପ୍ତ ହେବା ପରେ ଟ୍ରେନ୍ ଟ୍ରାଫିକ୍ ସହଜ ହେବ ସହିତ ଏବଂ ଅସୁବିଧାଜନକ ବାଧା ଦୂର କରାଯାଇ ହେବ । ଆଜି ପୂର୍ବ ତଟ ରେଳପଥ ୱାଲଟିୟର ରେଳ ସେକ୍ସନ ଅଧୀନରେ ଥିବା ଓଡିଶାର କୋରାପୁଟ ଜିଲ୍ଲାର ଛତ୍ରିପୁଟ-ମାଳିଗୁଡା ଷ୍ଟେସନ ମଧ୍ୟରେ ୬.୯୫ କିଲୋମିଟର ଲମ୍ବ ବ୍ରଡ ଗେଜ ଦୋହରୀକରଣ ରେଳ ଲାଇନ ସେକ୍ସନରେ ଟ୍ରେନ ଚଳାଚଳ ପାଇଁ ଅନୁମତି ଗ୍ରହଣ କରିଛି । ରେଳ ନିରାପତ୍ତା ଆୟୁକ୍ତ (ସିଆରଏସ) / ଦକ୍ଷିଣ ପୂର୍ବାଞ୍ଚଳ (ଏସଇ) ସର୍କଲ ଶ୍ରୀ ଏ.ଏମ.ଚୌଧୁରୀ ଆଜି ଏହି ଦୋହରୀକରଣ ମାର୍ଗରେ ନୀରିକ୍ଷଣ କରି ଟ୍ରେନ ଚଳାଚଳ ପାଇଁ ସ୍ୱୀକୃତି ଦେଇଛନ୍ତି । ଏହି ପ୍ରକଳ୍ପ ନିର୍ମାଣରେ ନିୟୋଜିତ କର୍ମଚାରୀ ଓ ଅଧିକାରୀ ମାନଙ୍କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମା ଅଭିନନ୍ଦନ ଜଣାଇଛନ୍ତି । କେକେ ଲାଇନ ତିନୋଟି ରାଜ୍ୟର ଉପାନ୍ତ ଆଦିବାସୀ ଅଞ୍ଚଳରେ ଅବସ୍ଥିତ ଏବଂ ରେଳ ନେଟୱାର୍କ ମାଧ୍ୟମରେ ଏହି ଅଞ୍ଚଳର ବିକାଶ ପାଇଁ ମାନ୍ୟବର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଜୀଙ୍କର କେନ୍ଦ୍ରବିନ୍ଦୁ ପାଲଟିଛି । ଚଳିତ ବର୍ଷ ଜଗଦଲପୁର-କୋରାପୁଟ ଜଟିଳ ଦୋହରୀକରଣ ପ୍ରକଳ୍ପ ପାଇଁ ରେଳ ମନ୍ତ୍ରଣାଳୟ ୨୪୮.୭୫ କୋଟି ଟଙ୍କା ମଞ୍ଜୁର କରିଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ଛତ୍ରୀପୁଟ ଏବଂ ଜୟପୁର ମଧ୍ୟରେ ଦୋହରୀକରଣ କାର୍ଯ୍ୟରେ ୭୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ପ୍ରକଳ୍ପ ପାଇଁ ୨୦୨୩-୨୪ ଆର୍ଥିକ ଜବାର୍ସାରେ ୧୭୦ କୋଟି ଟଙ୍କା ବ୍ୟୟ ମଞ୍ଜୁର କରାଯାଇଛି । ପ୍ରସ୍ତାବିତ ରେଳ ନେଟୱାର୍କଗୁଡିକ ଏହି ଅଞ୍ଚଳରେ ସଂଯୋଗ ଓ ଯୋଗାଯୋଗକୁ ଉନ୍ନତ କରିବ ଏବଂ ଏହାର ବିକାଶ କରିବ । ପୂର୍ବତଟ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଶ୍ରୀ ଅମର ପ୍ରକାଶ ଦ୍ୱିବେଦୀ, ୱାଲଟିୟର ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଅନୁପ ଶତପଥୀ ଏବଂ ପୂର୍ବତଟ ରେଳପଥ ମୁଖ୍ୟାଳୟ ଓ ଏବଂ ୱାଲଟିୟର ରେଳ ମଣ୍ଡଳର ବରିଷ୍ଠ ଅଧିକାରୀମାନେ ସିଆରଏସଙ୍କ ଯାଞ୍ଚ ସମୟରେ ସହାୟତା କରିଥିଲେ ।

# ପାରାଦୀପ ସମ୍ବାଦିକଙ୍କ ପକ୍ଷରୁ ସ୍ୱର୍ଗତ ମହେନ୍ଦ୍ର ପରିଡ଼ାଙ୍କ ସ୍ମୃତିସଭା ଆୟୋଜିତ

ପାରାଦୀପ,(ପି.ଏନ): ଯୁବ ସାମ୍ବାଦିକ ସ୍ୱର୍ଗତ ମହେନ୍ଦ୍ର ପରିଡ଼ା(ପପୁ)ଙ୍କ ଅକାଳ ବିୟୋଗରେ ପାରାଦୀପ ସାମ୍ବାଦିକ ମାନଙ୍କ ପକ୍ଷରୁ ସ୍ଥାନୀୟ ବିଜୁ ମେମୋରିଆଲ ଟ୍ରଷ୍ଟ ପରିସରରେ ବୁଧବାର ଦିନ ଏକ ସ୍ମୃତି ସଭାର ଆୟୋଜନ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ଚିତ୍ତରନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶ୍ରଦ୍ଧାଳି ସଭାରେ ବରିଷ୍ଠ ସାମ୍ବାଦିକ ନିଧିରାମ ମହାରଣା, ସୁଧିର ରନ ଦାଶ, ଶୁକଦେବ ଜେନା, ରାମଚନ୍ଦ୍ର ସ୍ୱାଇଁ, ଶଶାଙ୍କ ଶେଖର ଆଚାର୍ଯ୍ୟ, କର୍ମେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପରିଡ଼ାଙ୍କ ସ୍ମୃତି ଚାରଣ କରି ତାଙ୍କର ବ୍ୟକ୍ତିତ୍ୱ, କୃତିତ୍ୱ ଓ ପରୋପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବାଦିକ ପ୍ରଶାନ୍ତ ରାଉତ, ସ୍ୱାଧିନଚେତା ଦାଶମହାପାତ୍ର, ବସନ୍ତ ସାହୁ, ରବିନ୍ଦ୍ର ଜେନା, ଶରତ ରାଉତ, ରତ୍ନାକର ଜେନା, ରବି ପୃଷ୍ଟି, ଆଦିତ୍ୟ ରନ ରାଉତରାୟ, ସମାଜସେବୀ ପ୍ରଭାସଚନ୍ଦ୍ର ସ୍ୱାଇଁ ଓ ଧୃତିଧର ଦାସ ପ୍ରମୁଖ ସ୍ୱର୍ଗତ ପରିଡ଼ାଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଳ ଜ୍ଞାପନ କରିଥିଲେ।

# ବ୍ୟାସ ଫାଉଣ୍ଡେସନ ପକ୍ଷରୁ ନିରବଛିନ୍ନ ଭାବେ ମାନସିକ ଭିନ୍ନକ୍ଷମ ଉଦ୍ଧାର ଅଭିଯାନ ଜାରି




ପାରାଦୀପ,(ପି.ଏନ): ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ସ୍ୱେଚ୍ଛାସେବୀ ସଂଗଠନ ବ୍ୟାସ ଫାଉଣ୍ଡେସନ ନିସ୍ୱାର୍ଥପର ଓ ନିରବଛିନ୍ନ ଭାବେ ଜଗତସିଂହପୁର ଜିଲ୍ଲା ଓ ଜିଲ୍ଲା ବାହାରେ ତାର ସେବା କାର୍ଯ୍ୟ ଜାରି ରଖି ସାଧାରଣରେ ସର୍ବାଦୃତ ହୋଇପାରିଛି । ଏହି କାର୍ଯ୍ୟ ମଧ୍ୟରେ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଙ୍କ ତତ୍ୱାବଧାନରେ ମାନସିକ ଭିନ୍ନକ୍ଷମ ଉଦ୍ଧାର ଓ ସେମାନଙ୍କ ଥଇଥାନ ସେବା କାର୍ଯ୍ୟ ବେସ ପ୍ରଶଂସନୀୟ । ଏଥିମଧ୍ୟରେ ବନ୍ଦର ଓ ଶିଳ୍ପ ସହର ପାରାଦୀପରୁ ଗତ ଏକ ମାସ ମଧ୍ୟରେ ୫୦ ରୁ ଉର୍ଦ୍ଧ ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଉଦ୍ଧାର ଓ ଥଇଥାନ କରାଯାଇ ସେବା କ୍ଷେତ୍ରରେ ଫାଉଣ୍ଡେସନ ଇତିହାସ ସୃଷ୍ଟି କରିପାରିଛି । ଏତଦବ୍ୟତୀତ ପାରାଦୀପ ନିକଟସ୍ଥ ବାଲିତୁଠ, ଢ଼ିଙ୍କିଆ, ଗଣ୍ଡକିପୁର ଇତ୍ୟାଦି ଅଞ୍ଚଳରୁ ବହୁ ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଉଦ୍ଧାର କରି ଅନୁଷ୍ଠାନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ସଭାପତି ପଣ୍ଡିତ ଡ଼ଃ. ସିଦ୍ଧ ?ଶ୍ୱର ପଣ୍ଡା, ଉପସଭାନେତ୍ରୀ ରଶ୍ମିତା ନାୟକ ପ୍ରମୁଖଙ୍କ ପ୍ରୟାସରେ ପୁରୀ ଜିଲ୍ଲାର କଣସା ସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ଠାରେ ଅବସ୍ଥାପିତ କରିଛନ୍ତି । ତେବେ ପାରାଦୀପ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ସତ୍ୱେ ପୁନର୍ବାର ଅସହାୟ ନିରାଶ୍ରୟ ଭିନ୍ନକ୍ଷମ ଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ନେଇ ଶ୍ରୀମତୀ ଆଚାର୍ଯ୍ୟ ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ଏବଂ ନିକଟରେ ପାରାଦୀପ ରେ ଏହି ଉଦ୍ଧାର କାର୍ଯ୍ୟ କରାଯିବ ବୋଲି ସେ ପ୍ରତିଶୃତି ଦେଇଛନ୍ତି । ଅନ୍ୟପକ୍ଷରେ ନୀଳାଚଳ ସେବା ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସୁବାସ ଚନ୍ଦ୍ର ଗଜେନ୍ଦ୍ର ବ୍ୟାସ ଫାଉଣ୍ଡେସନ ର ଏପରି ମହତ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି ।

# ରାଜ୍ୟ ସ୍କାଉଟସ୍ ଓ ଗାଇଡ଼ସ୍ ଶିବିର "ରେନ୍‌ବୋ" ଆରମ୍ଭ

ଭୁବନେଶ୍ୱର ,(ପି.ଏନ):ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ଼୍ ସଂସ୍ଥା ଆନୁକୂଲ୍ୟରେ ତା୨୨.୩.୨୦୨୩ ରିଖ ଦିନ ଶିବିର "ରେନ୍‌ବୋ" ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ କାଳି ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କର ମାନ୍ୟବର ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ତଥା ରାଜ୍ୟସଂସ୍ଥାର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ସ୍କାଉଟ୍‌ସ୍ ଓ ଗାଇଡ଼ସ୍ ମାନଙ୍କର ଉତ୍ସାହ ପୂର୍ବକ ଯୋଗଦାନକୁ ଉଚ୍ଚ ପ୍ରଶଂସା କରିବା ସହିତ ଛାତ୍ର ଅବସ୍ଥାରେ ଶୃଙ୍ଖଳାର ଭୂମିକା ଉପରେ ଆଲୋକପାତ କରିଥିଲେ। ସ୍କାଉଟସ୍ ଓ ଗାଇଡ଼ସ୍ ଆନ୍ଦୋଳନ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ବ୍ୟକ୍ତିତ୍ୱ ଗଠନ ସହିତ ସୁନାଗରିକ ହେବା ନିମନ୍ତେ ବ୍ୟାପକ ଶିକ୍ଷାପ୍ରାପ୍ତ ହୋଇପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସଂସ୍ଥାର ଉପସଭାପତି ମାନ୍ୟବର ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଯୋଗଦେଇ ପିଲାମାନଙ୍କୁ ସ୍କାଉଟସ୍ ଓ ଗାଇଡ଼ସ୍ ସଂସ୍ଥାର ବିଭିନ୍ନ କ୍ରୀଡ଼ା, କାରିଗରୀ କୌଶଳ ମାଧ୍ୟମରେ ଦିଆଯାଉଥିବା ଶିକ୍ଷା ବିଷୟରେ ଉଦାହରଣ ଦେଇ ଭବିଷ୍ୟତରେ ଏହା କିପରି ଦୈନନ୍ଦିନ ଜୀବନକୁ ସୁଲଭ ସ୍ୱଭାବ କରିବ ତା' ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ଭାବରେ ମାଧ୍ୟମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ଦାଶ ଯୋଗଦେଇ ବିଦ୍ୟାଳୟ ସ୍ତରରେ ସ୍କାଉଟସ୍ ଓ ଗାଇଡ଼ସ୍ ଆନ୍ଦୋଳନରେ କିପରି ଅଧିକାରୁ ଅଧିକା ଛାତ୍ରଛାତ୍ରୀ ଯୋଗଦେବେ, ସେ ବାବଦରେ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ପିଲାମାନଙ୍କୁ ଅବଗତ କରାଇଥିଲେ। ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ଶ୍ରୀମତୀ ରଞ୍ଜୁ ଲତା ରାୟ ଯୋଗଦାନ କରି ସ୍କାଉଟ୍ ଗାଇଡ଼୍ ମାନେ କିପରି ମାର୍ଗଦର୍ଶକ ଭାବରେ କାମ କରିପାରିବେ ତା'ର ରୂପରେଖ ପ୍ରସ୍ତୁତି ବିଷୟରେ ବ୍ୟାଖ୍ୟା କରିଥିଲେ ।ଶ୍ରୀଯୁକ୍ତ ମିଶ୍ର ସ୍ୱାଗତ ଅଭିଭାଷଣ ସହ ଶିବିରର ଉଦ୍ଦେଶ୍ୟ ଏବଂ ଉପଯୋଗିତା ବିଷୟରେ ମନ୍ତବ୍ୟ ପ୍ରଦାନ କରିବା ସହିତ ଏହି ଶିବିରରେ ୨୮ ଜିଲ୍ଲାରୁ ପ୍ରାୟ ୮୦୦ଜଣ ସ୍କାଉଟସ୍ ଓ ଗାଇଡ଼ସ୍, ୭୦ଜଣ ସ୍କାଉଟ୍ ମାଷ୍ଟର ଓ ଗାଇଡ଼୍ କ୍ୟାପଟେନ୍‌ଙ୍କ ନେତୃତ୍ୱରେ ଯୋଗ ଦେଇଥିବାର ଅତିଥିମାନଙ୍କୁ ଅବଗତ କରାଇବା ସହିତ ଶିବିର ହେବାକୁ ଥିବା ବିଭିନ୍ନ ପ୍ରକାର ପ୍ରତିଯୋଗିତା, କ୍ରୀଡ଼ା ଉତ୍ସବ, ଦକ୍ଷତା ବିକାଶ କୌଶଳ ଶିକ୍ଷା, ପ୍ରାଥମିକ ଚିକିତ୍ସା ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ।

ଉତ୍ସବ ପ୍ରାରମ୍ଭରେ ଶିବିରର ଲୋଗୋ ଏବଂ ଟି-ସାର୍ଟକୁ ମୁଖ୍ୟ ଅତିଥି, ତଥା ସମ୍ମାନନୀୟ ଅତିଥିମାନେ ଉନ୍ମୋଚନ କରିଥିଲେ।

# ଜାଗା ମିଶନର ବାସଉପଯୋଗୀ ଜମି ଅଧିକାର ହିତାଧିକାରୀ ତାଲିକା ଚୟନରେ ଘୋର ଦୁର୍ନୀତି ହୋଇଛି : ପ୍ରଦେଶ କଂଗ୍ରେସ

ଭୁବନେଶ୍ୱର,(ପି.ଏନ): ରାଜ୍ୟ ସରକାର ଜାଗା ମିଶନ ଗଠନ କଲେ। ମୂଳ ଉଦ୍ଦେଶ୍ୟ ରାଜ୍ୟର ସହରାଂଚଳରର ବସ୍ତିମାନଙ୍କରେ ବାସ କରୁଥିବା ଗରିବ, ଭୂମିହୀନ ପରିବାରକୁ ସେହି ବସ୍ତିରେ ତାଙ୍କୁ ଚିହ୍ନଟ ଓ ଉପଯୁକ୍ତ ଯାଂଚକରି ବାସଉପଯୋଗୀ ଜମି ପ୍ରଦାନ କରିବା ସହିତ ଏହି ଜମିର ଅଧିକାର ତାଙ୍କୁ ହସ୍ତାନ୍ତର କରାଯିବା କଥା। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ ଆଜିର ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକ ମାନଙ୍କୁ ସ୍ୱାଗତ କରି କହିଥିଲେ ଯେ ଏ ସରକାର କିଭଳି ଦୁର୍ନୀତିରେ ବୁଡ଼ି ରହଛି ତାହାର ପର୍ଦ୍ଦାଫାଶ ଆଜି ପ୍ରଦେଶ କଂଗ୍ରେସ ସଭାପତି ଆପଣଙ୍କ ସମ୍ମୁଖରେ କରିବେ। ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରି କହିଲେ ଯେ ୨୦୧୭ ମସିହା ସୁଦ୍ଧା ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ସହରାଂଚଳ ୧୮ଲକ୍ଷରୁ ଅଧିକ ଲୋକ ବସ୍ତିରେ ବାସ କରୁଛନ୍ତି। ମୁଖ୍ୟମନ୍ତ୍ରୀ ୨୦୨୩ ମସିହା ଡିସେମ୍ବର ମାସ ସୁଧା ଓଡ଼ିଶାକୁ ବସ୍ତିମୁକ୍ତ କରିବାପାଇଁ ପ୍ରକାଶ କରିଥିଲେ। କିନ୍ତୁ ସହରାଂଚଳରେ ବସ୍ତି ବାସକରୁଥିବା ପ୍ରକୃତ ହିତାଧିକାରୀଙ୍କୁ ଚୟନ କରିବା ପରିବର୍ତ୍ତେ ଯେଉଁମାନଙ୍କର କୋଠା, ଜମିବାଡ଼ି, ମିଠା ଦୋକାନ, ୩-୪ ଚକିଆ ଗାଡ଼ି, ଯେଉଁମାନେ ଘରଭଡ଼ା ଲକ୍ଷାଧିକ ଟଙ୍କା କମାଉଛନ୍ତି ସେମାନଙ୍କୁ ଏହି ହିତାଧିକାରୀ ତାଲିକାରେ ଚୟନ କରାଯାଉଛି। ଏ ରାଜ୍ୟରେ ସ୍ୱଚ୍ଛତାର ସରକାର ଚାଲିଛି ବୋଲି କେବଳ ଡିଣ୍ଡିମ ପିଟାହେଉଛି ପ୍ରକୃତ କଥା ହେଉଛି ଦୁର୍ନୀତିର ବୁଡ଼ିରହିଥିବା ସରକାର ଓ ପ୍ରଶାସନିକ ଅଧିକାରୀଙ୍କ ମିଳିତ ମେଂଟ ସରକାର ଚାଲିଛି। ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲା ଭଳି ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ଗୋଟିଏ ବସ୍ତିରୁ ଯେଉଁ ତଥ୍ୟ ଏବଂ ପ୍ରମାଣପତ୍ର ଆମ ହସ୍ତଗତ ହେଲା ତାହା ଏ ଦୁର୍ନୀତର ସମସ୍ତ ପର୍ଦ୍ଦାଫାଶ କରିବାପାଇଁ ଯଥେଷ୍ଟ। ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା କଂଗ୍ରେସ ଦଳର ନେତା ଶ୍ରୀ ବିଜୟ ପଟ୍ଟନାୟକ ସାମ୍ବାଦିକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ସହରାଂଚଳର ଥିବା ବସ୍ତି ବାସିନ୍ଦାଙ୍କୁ ଗୃହ ଯୋଗାଇବାପାଇଁ ତତ୍‌କାଳୀନ କଂଗ୍ରେସ ନେତୃତ୍ୱାଧିନ ଉପାସରକାର ରାଜୀବ ଆୱାସ ଯୋଜନା କରିଥିଲେ ଏବଂ ବସ୍ତିର ସାମଗ୍ରିକ ବିକାଶ ଯଥା ସ୍ୱଚ୍ଛ ପିଇବାପାଣି, ଆଲୋକୀକରଣ, ଡ୍ରେନେଜ ବ୍ୟବସ୍ଥା, କମ୍ୟୁନିଟି ହଲ, ପାର୍କ, ସ୍ଥାୟୀ ରାସ୍ତା ଇତ୍ୟାଦି ନିର୍ମାଣ କରିବା ପାଇଁ ମଧ୍ୟ ଆଇଏଚଏସଡିପି ବୋଲି ଏକ କାର୍ଯ୍ୟକ୍ରମ (ଔଘଟଜଗ) ସହରାଂଚଳ ବିକାଶ ଯୋଜନାର ଅଂଶବିଶେଷ ଥିଲା। ଆଜି ଭୁବନେଶ୍ୱର ମହାନଗର ଅଂଚଳର ୱାର୍ଡ-୨୫ ବେହେରା ବସ୍ତିର ଭୁବନେଶ୍ୱର ମହାନଗର ନିଗମ ହିତାଧିକାରୀ ତାଲିକା ୬.୩.୨୦୨୩, ଚିଠି ସଂଖ୍ୟା ୧୦୯୮୪ରେ ପ୍ରକାଶ କରିଥିଲେ। ଏହି ତାଲିକାକୁ କିଏ ଓ କାହିଁକି ୬ ତାରିଖରୁ ୧୧.୩.୨୦୨୩ ପର୍ଯ୍ୟନ୍ତ ବସ୍ତିରେ ପ୍ରକାଶ ନକରି ଚାପି ରଖାଯାଇଥିଲା। ୧୧ ତାରିଖ ଦିନ ସଂଧ୍ୟାବେଳେ ଏହି ତାଲିକା ସେହି ବେହେରା ବସ୍ତିରେ ଲଗାଗଲା। ଏଥିରେ ବହୁ ହିତାଧିକାରୀ ଯେଉଁମାନଙ୍କର ଭୁବନେଶ୍ୱର ମହାନଗର ନିଗମ ଅଂଚଳର ଘରବାଡ଼ି ଜମି ଅଛି, କୋଠାବାଡ଼ି ଅଛି, ପ୍ରାଇଭେଟ କାର ଓ ଟ୍ୟାକ୍ସି ୩-୪ ଅଛି, ଦୋକାନ ବାଡ଼ି ଅଛି ସେମାନଙ୍କୁ ମଧ୍ୟ ଦିଆଯାଇଛି। ଏପରିକି ଏକ ପରିବାରକୁ ଜମି ଯୋଗାଇବା ପରିବର୍ତ୍ତେ ସ୍ୱାମୀ ଏବଂ ସ୍ତ୍ରୀ, ପୁଅ ଓ ଝିଅ ଅବିବାହିତ ଏ ସମସ୍ତଙ୍କୁ ଅଲଗା ଅଲଗା ହିତାଧିକାରୀ ତାଲିକାରେ ସାମିଲ କରାଯାଇଛି। ଯେଉଁମାନେ ସ୍ଥାନୟୀ କର୍ପୋରେଟର, ଜାଗାମିଶନର ଅଧିକାରୀଙ୍କୁ ପ୍ରଭାବିତ କରିପାରିଛନ୍ତି ସେମାନେ ଓ ବିଜୁ ଜନତା ଦଳର କର୍ମୀ ବା ସ୍ଥାନୀୟ ନେତୃତ୍ୱ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ବହୁ ଲୋକ ସେ ବସ୍ତିରେ ୨୫ରୁ ୩୦ ବର୍ଷ ଧରି ରହିଥିଲା ବେଳେ ସେମାନଙ୍କ ପାଖରେ ସବୁ ପ୍ରମାଣ ପତ୍ର ଥାଇ ମଧ୍ୟ ତାଙ୍କ ନାମ କାଟି ଦିଆଯାଇଛି। ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ ମହାନ୍ତି ସାମ୍ବାଦିକ ମାନଙ୍କୁ କହିଥିଲେ ଯେ ତାଲିକାରେ କ୍ର.ସଂ -୧୬୨ ର ଚନ୍ଦକା ଅଂଚଳର ଜମି ଅଛି, କ୍ର.ସଂ -୧୦, ଚନ୍ଦକା, କ୍ର.ସଂ-୮୨ ନିଆଳିରେ ଜମି ପଟ୍ଟା, କ୍ର.ସଂ-୮ ଦାସପୁର ମୌଜା ଭୁବନେଶ୍ୱର ତହସିଲ, କ୍ର.ସଂ-୩୮-୩୯ ଭୁବନେଶ୍ୱର ତହସିଲ, କ୍ର.ସଂ-୨୧, ଦାସପୁର ମୌଜା, ଚନ୍ଦକା, କ୍ର.ସଂ-୩୩, ଅନ୍ଧାରୁଆ, ଚନ୍ଦକା ଗାଙ୍ଗୁରାମ ହୋଟେଲ କ୍ର.ସଂ-୧୯, କାର ଦୁଇଖଣ୍ଡ ଅଛି, କ୍ର.ସଂ-୧୬, କ୍ର.ସଂ-୩୨, ୩ ମହଲା କୋଠାଘର କ୍ର.ସଂ-୬୦,୮୫,୧୪୨,୧୬୨, ୧୬୫ (ଆପାର୍ଟମେଂଟ), ୧୭୩ (ଝାରପଡ଼ାରେ ବିଲିଡିଂ) କ୍ର.ସଂ-୧୬୭,୧୬୮,୧୬୯ ଡୁମଡୁମା ଫେଜ-୫, ବି-୭୨ ଏବଂ ଖଣ୍ଡଗିରି ବାରୀରେ ୩ ମହଲା ବିଲିଡିଂରୁ ଲକ୍ଷାଧିକ ଟଙ୍କା ଘରଭଡ଼ା ମିଳୁଛି। ଏସବୁ ଥାଇ ମଧ୍ୟ କିଭଳି ଭାବରେ ଜାଗାମିଶନର ଅଧିକାରୀ, କର୍ପୋରେଟର ଏବଂ ସର୍ଭେ କରୁଥିବା ସଂସ୍ଥା ଏ ସମସ୍ତଙ୍କ ନାମକୁ ହିତାଧିକାରୀ ଚୟନରେ ସାମିଲ କଲେ। ଏହାର ରାଜ୍ୟ ସରକାରଙ୍କ କେଉଁ ଗିରେ ଅର୍ନ୍ତଭୁକ୍ତ ବୋଲି ଦୟାକରି ମୁଖ୍ୟମନ୍ତ୍ରୀ କହିବେ କି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ତପୋବନ ବସ୍ତି ୬୩ ନଂ ୱାର୍ଡରେ ମଧ୍ୟ ପୁଳା ପୁଳା ଦୁର୍ନିତି। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି ଯଦି ରାଜ୍ୟ ସରକାର ପ୍ରକୃତରେ ସହରାଂଚଳର ଗରିବ ଲୋକଙ୍କ ଜମି ଅଧିକାର ଦେବାପାଇଁ ଚିନ୍ତା କରୁଛନ୍ତି ଏବଂ ସାମାନ୍ୟତମ ନିଷ୍ଠା ଅଛି ତାହାଲେ ଏ ସମସ୍ତ ତାଲିକାକୁ ଖାରଜ କରି ଆଉଥରେ ନିରପେକ୍ଷ ଭାବରେ ହିତାଧିକାରୀ ଚୟନ କରନ୍ତୁ। ଶ୍ରୀ ବିଜୟ ପଟ୍ଟନାୟକ ଦାବି କରି କହିଥିଲେ ଯେ ସରକାର ୨୦୧୧ ମସିହାରେ ରାଜୀବ ଆବାସ ଯୋଜନାରେ ଯେଉଁ ତାଲିକା ପ୍ରକାଶ କରିଥିଲେ ଜାଗାମିଶନ ହିତାଧିକାରୀ ଚୟନରେ ସେ ତାଲିକାକୁ ଗ୍ରହଣ କରୁଛନ୍ତିକି ନାହିଁ। ଗରିବ ଲୋକଙ୍କୁ ଜମି ଯୋଗାଇ ଦେବା କ୍ଷେତ୍ରରେ ଏତେ ଦୁର୍ନୀତି କାହିଁକି ଏ ଦୁର୍ନୀତି ପଛରେ ଯେଉଁ ଅଧିକାରୀ ଓ ସରାକାରୀ ଦଳର ନେତୃବର୍ଗ ଅଛନ୍ତି ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେକି? ପ୍ରକୃତ ହିତାଧିକାରୀ ଚୟନରେ ନିରପେକ୍ଷତା ଅବଲମ୍ବନ କରନ୍ତୁ। କଥାରେ ଟ୍ରାନ୍ସଫରମେଶନ ହୁଏ ପ୍ରକୃତ କାମରେ ଟ୍ରାନ୍ସଫରମେଶନ ହୁଏ। ଭୁବନେଶ୍ୱର ଜିଲ୍ଲା ବ୍ଲକ କଂଗ୍ରେସ ସଭାପତି ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray